


୩୦ ନଭେମ୍ବର - ୬ ଡିସେମ୍ବର, ୨୦୨୫
ରବିବାର
ସକାଳ
THE SAKALA
ସିନ୍ଦୂରା
ପ୍ରଦୂଷଣ ବଳୟରେ ପୃଥିବୀ
ଦିଲ୍ଲୀ : ବିଶ୍ୱ ବାୟୁ ପ୍ରଦୂଷଣର ରାଜଧାନୀ
ବିଶ୍ୱର ପ୍ରମୁଖ ପ୍ରଦୂଷିତ ସହର
ପ୍ରଦୂଷଣ ଯୋଗୁଁ ଅର୍ଥନୀତି ଉପରେ ପ୍ରଭାବ
ବାୟୁ ପ୍ରଦୂଷଣଜନିତ ରୋଗ ଓ ପ୍ରତିକାର
ବିଷ ବଳୟ



ଦିନକୁ ଦିନ ପ୍ରଦୂଷିତ ହେବାରେ ଲାଗିଛି ପରିବେଶ । ସାରା ବିଶ୍ୱରେ ପ୍ରଦୂଷଣଜନିତ ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି । ଘରୋଇ ଇନ୍ଧନ, ଗାଡ଼ିମୋଟର, ଶିଳ୍ପାନୁଷ୍ଠାନରୁ ନିର୍ଗତ ଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରିଥାଏ । କାର୍ବନ ମୋନୋଅକ୍ସାଇଡ୍, ଓଜୋନ, ନାଇଟ୍ରୋଜେନ୍, ଡାଇଅକ୍ସାଇଡ୍, ସଲ୍‌ଫର୍ ଡାଇଅକ୍ସାଇଡ୍ ଆଦି ମାରାତ୍ମକ ଗ୍ୟାସ୍ ମଣିଷର ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ଏହି ସବୁ ବିଷାକ୍ତ ଗ୍ୟାସ୍ ବାୟୁମଣ୍ଡଳରେ ମିଶ୍ରଣ ହେତୁ ପରିବେଶ ପ୍ରଦୂଷିତ ହୋଇଥାଏ । ଫଳରେ ପ୍ରଦୂଷିତ ବାୟୁ ମଣିଷ ନିଶ୍ୱାସପ୍ରଶ୍ୱାସରେ ନେବା ଯୋଗୁଁ ବିଭିନ୍ନ ଶାରୀରିକ ସମସ୍ୟା ଓ ରୋଗରେ ପୀଡ଼ିତ ହୋଇଥାଏ । ମଣିଷ ଶୀଘ୍ର ରୁଗ୍‌ଣ ଓ ମୃତ୍ୟୁର କାରଣ ହେଉଛି ପ୍ରଦୂଷିତ ପରିବେଶ । କେବଳ ବାୟୁ ପ୍ରଦୂଷଣ ନୁହେଁ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ପ୍ଲାଷ୍ଟିକ୍ ପ୍ରଦୂଷଣ, ଇ-ପ୍ରଦୂଷଣ, ଧ୍ୱନି ପ୍ରଦୂଷଣ ଆଦି ମଧ୍ୟ ଜୀବଜଗତ ପାଇଁ ଅତ୍ୟନ୍ତ କ୍ଷତିକାରକ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟ ଅନୁଯାୟୀ, ସାରା ବିଶ୍ୱ ଜନସଂଖ୍ୟାର ୯୯ ପ୍ରତିଶତ ଲୋକ ପ୍ରଦୂଷିତ ବାୟୁ ନିଶ୍ୱାସରେ ନେଉଛନ୍ତି, ଯାହା ଚିନ୍ତାର କାରଣ ପାଲଟିଛି । ଭାରତର ନୂଆଦିଲ୍ଲୀ, କୋଲକାତା, ମୁମ୍ବାଇ ସମେତ ଢାକା, ଲାହୋର, ଦୁବାଇ, କରାଚି ଆଦି ବିଦେଶର ବିଭିନ୍ନ ନଗରୀ ପ୍ରଦୂଷଣ ବଳୟରେ ରହିଛି । ବାୟୁ ଗୁଣବତ୍ତାର ଗଭୀର ପ୍ରଭାବ ପୃଥିବୀର ଜଳବାୟୁ ଉପରେ ପଡ଼ିଥାଏ । ବାୟୁ ପ୍ରଦୂଷଣ ହ୍ରାସ ନିମନ୍ତେ ନିର୍ଦ୍ଧାରିତ ନିୟମ ପାଳନ କରିବା ଜଳବାୟୁ ଓ ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । ଜନସଂଖ୍ୟା ବୃଦ୍ଧି, ଜଙ୍ଗଲ ହ୍ରାସ, ଗାଡ଼ିମୋଟର, ଶିଳ୍ପ ସଂସ୍ଥା ବୃଦ୍ଧି ଯୋଗୁଁ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ବାୟୁ ପ୍ରଦୂଷଣର କାରଣ, ପ୍ରଦୂଷଣଜନିତ ସମସ୍ୟା ଓ ତା'ର ସମାଧାନ ଆଦି ବିଭିନ୍ନ ଦିଗକୁ ନେଇ ଏଥର 'ସିନ୍ଦୂରା'ର ସ୍ୱତନ୍ତ୍ର ଉପସ୍ଥାପନା : **ବିଷ ବଳୟ**

ପ୍ରସ୍ତୁତି: 'ସକାଳ' ବ୍ୟୁରୋ



ନନ୍ଦିଘୋଷ ନେଟୱର୍କ ପ୍ରାଇଭେଟ୍ ଲିମିଟେଡ୍
ଇଡ୍‌କୋ ପ୍ଲଟ୍ ନଂ: ୯୦ - ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯
ଇ-ମେଲ୍ : feature@thesakala.com

## କେମିତି କଟିବ ସପ୍ତାହ


**ମେଷ**
ରବି, ସୋମବାରରେ ଧନକ୍ଷୟ ହୋଇପାରେ । ପଡ଼ୋଶୀଙ୍କ ସହ ଭୁଲ୍ ବୁଝାମଣା ଦେଖାଦେବ । ମଙ୍ଗଳ, ବୁଧବାରରେ ଅଯଥା ବ୍ୟୟ ହୋଇପାରେ । ମହିଳାମାନେ ସନ୍ତାନଙ୍କ ପାଇଁ ଚିନ୍ତିତ ରହିବେ । ଗୁରୁ, ଶୁକ୍ର, ଶନିବାରରେ ଅନେକ ଦିନର ସ୍ୱପ୍ନ ସାକାର ହେବ । ବ୍ୟବସାୟ ଲାଭଜନକ ରହିବ ।


**ବୃଷ**
ରବି, ସୋମବାରରେ ପରିବାରରେ ବୁଝାମଣା ବୃଦ୍ଧି ପାଇବ । ମହିଳାମାନଙ୍କର ଉଚ୍ଚଆଶା ପୂରଣ ହେବେ । ମଙ୍ଗଳ, ବୁଧବାରରେ ପରିଶ୍ରମ ମୁତାବକ ଫଳପ୍ରାପ୍ତି ହେବ । ଗୁରୁ, ଶୁକ୍ର, ଶନିବାରରେ ଆମୋଦପ୍ରମୋଦ ଭିତରେ ସମୟ କଟିବ ଓ ବ୍ୟବସାୟରେ ଆୟବୃଦ୍ଧି ହେବ ।


**ମିଥୁନ**
ରବି, ସୋମବାରରେ ବହୁଚେଷ୍ଟା କରି ସଫଳତା ହାସଲ କରିବେ । ପଦୋନ୍ନତିର ସମ୍ଭାବନା ରହିଛି । ମଙ୍ଗଳ, ବୁଧବାରରେ କୌଣସି ଶୁଭ ମାଙ୍ଗଳିକ କାର୍ଯ୍ୟରେ ଯୋଗଦାନ କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ଅସାବଧାନତା ହେତୁ ଧନହାନି ହୋଇପାରେ । ବ୍ୟବସାୟ ମାନ୍ଦା ରହିବ ।


**କର୍କଟ**
ରବି, ସୋମବାରରେ କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇବ । ଭାଇଭଉଣୀଙ୍କ ସହଯୋଗ ପାଇବେ । ମଙ୍ଗଳ, ବୁଧବାରରେ ଉତ୍ସାହିତ ହୋଇ ଅଧିକ ଖର୍ଚ୍ଚ କରିପାରନ୍ତି । ଗୁରୁ, ଶୁକ୍ର, ଶନିବାରରେ ସମସ୍ତ ପ୍ରକାର ଅଭାବ ଦୂର ହେବେ । ବ୍ୟବସାୟ ମନ୍ଥର ରହିବ ।


**ସିଂହ**
ରବି, ସୋମବାରରେ ପରିବାରରେ କୌଣସି ମାଙ୍ଗଳିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇପାରେ । ବିରୋଧୀମାନେ ନିଜ ଚକ୍ରାନ୍ତରେ ପଡ଼ିଯାଇପାରନ୍ତି । ମଙ୍ଗଳ, ବୁଧବାରରେ ମୂଲ୍ୟବାନ ଦ୍ରବ୍ୟାଦି ଲାଭ ହେବ । ଗୁରୁ, ଶୁକ୍ର, ଶନିବାରରେ ବିଭିନ୍ନ ବାଧାବିଘ୍ନ କାଟି ଆଗକୁ ବଢ଼ିବେ । ବ୍ୟବସାୟରେ କ୍ଷତି ହୋଇପାରେ ।


**କନ୍ୟା**
ରବି, ସୋମବାରରେ ବନ୍ଧୁଙ୍କ ଆଗମନରେ ଉତ୍ସାହିତ ହେବେ । ବିଭିନ୍ନ କ୍ଷେତ୍ରରେ ସହଯୋଗ ପାଇବେ । ମଙ୍ଗଳ, ବୁଧବାରରେ କର୍ମକ୍ଷେତ୍ର ସମସ୍ୟାବହୁଳ ରହିବ । ଗୁରୁ, ଶୁକ୍ର, ଶନିବାରରେ ଜରୁରୀ କାର୍ଯ୍ୟ ବିଳମ୍ବ ହୋଇପାରେ । ଧାର୍ମିକ ମନୋବୃତ୍ତି ରଖି ସହାୟତାର ହାତ ବଢ଼ାଇବେ ।


**ତୁଳା**
ରବି, ସୋମବାରରେ ଅର୍ଥଚିନ୍ତା ଲାଗି ରହିବ । ମଙ୍ଗଳ, ବୁଧବାରରେ ଦୀର୍ଘ ଦିନରୁ ଅଟକି ରହିଥିବା କାର୍ଯ୍ୟରେ ସଫଳତା ପାଇବେ । ସମାଜରେ ପ୍ରତିଷ୍ଠିତ ହେବେ । ଗୁରୁ, ଶୁକ୍ର, ଶନିବାରରେ ମହିଳାମାନେ ସୁଖଶାନ୍ତିରେ ଦାୟିତ୍ୱ ତୁଲାଇବେ । ବ୍ୟବସାୟରେ ଲାଭାନ୍ୱିତ ହେବେ ।


**ବିଛା**
ରବି, ସୋମବାରରେ ନୂତନ ଦିଗ୍‌ଦର୍ଶନ ପାଇପାରନ୍ତି । ମଙ୍ଗଳ, ବୁଧବାରରେ ପରିବାରରେ ଅର୍ଥଚିନ୍ତା ଲାଗିରହିବ । କୌଣସି ସମସ୍ୟାକୁ ନେଇ ଚିନ୍ତିତ ରହିବେ । ଗୁରୁ, ଶୁକ୍ର, ଶନିବାରରେ ସାହସିକ ପଦକ୍ଷେପ ନେଇ ସଫଳ ହେବେ ଓ ବ୍ୟବସାୟରେ ନୂତନ ନିବେଶ କରିବେ ।


**ଧନୁ**
ରବି, ସୋମବାରରେ ସମସ୍ତ ପ୍ରକାର କାର୍ଯ୍ୟରେ ସିଦ୍ଧିଲାଭ କରିବେ । କର୍ମକ୍ଷେତ୍ରରେ ଉଚ୍ଚ ସମ୍ମାନ ପାଇବେ । ମଙ୍ଗଳ, ବୁଧବାରରେ ଅର୍ଥପ୍ରାପ୍ତି ପାଇଁ ବିଭିନ୍ନ କୌଶଳ ଆପଣେଇବେ । ଗୁରୁ, ଶୁକ୍ର, ଶନିବାରରେ ବହୁ ପରିଶ୍ରମ କରି ସୁଫଳ ପ୍ରାପ୍ତି, ଭବିଷ୍ୟତ ଯୋଜନା କାର୍ଯ୍ୟକାରୀ ହେବ ।


**ମକର**
ରବି, ସୋମବାରରେ ଅନ୍ୟ ପାଇଁ ସମସ୍ୟାରେ ପଡ଼ିବେ ଓ କାର୍ଯ୍ୟ ବିଳମ୍ବ ହେବ । ମଙ୍ଗଳ, ବୁଧବାରରେ ମହିଳାମାନେ ଅସଫଳତା ପାଇପାରନ୍ତି । ଅର୍ଥପ୍ରାପ୍ତିର ଯୋଗ ରହିଛି । ଗୁରୁ, ଶୁକ୍ର, ଶନିବାରରେ ପାରିବାରିକ ସୁଖସମୃଦ୍ଧି ପ୍ରାପ୍ତି ହେବ । ବ୍ୟବସାୟରେ ନୂତନ ପୁଞ୍ଜି ଖଟାଇ ସଫଳ ହେବେ ।


**କୁମ୍ଭ**
ରବି, ସୋମବାରରେ ପରିବାରବର୍ଗ, ସନ୍ତାନସନ୍ତତିଙ୍କୁ ନେଇ ଚିନ୍ତାରେ ରହିବେ । ମଙ୍ଗଳ, ବୁଧବାରରେ ସମସ୍ୟାରୁ ମୁକ୍ତି ପାଇଁ ଚେଷ୍ଟା କରି ସଫଳତା ପାଇବେ । ବନ୍ଧୁବାନ୍ଧବ ସହଯୋଗର ହାତ ବଢ଼ାଇବେ । ଗୁରୁ, ଶୁକ୍ର, ଶନିବାରରେ ସୁଖସମ୍ମାନପ୍ରାପ୍ତି, ବ୍ୟବସାୟିକ ଲାଭାନ୍ୱିତ ହେବେ ।


**ମୀନ**
ରବି, ସୋମବାରରେ ମୂଲ୍ୟବାନ ଦ୍ରବ୍ୟାଦି କ୍ରୟ କରିପାରନ୍ତି । ଲକ୍ଷ୍ୟପଥରେ ଆଗେଇ ଚାଲିବେ । ମଙ୍ଗଳ, ବୁଧବାରରେ ପରିବାରବର୍ଗଙ୍କ ଅସହଯୋଗ ମନୋବୃତ୍ତି କଷ୍ଟ ଦେଇପାରେ । ଅଯଥା ଖର୍ଚ୍ଚରେ ପଡ଼ିପାରନ୍ତି । ଶୁକ୍ର, ଶନିବାରରେ ମହିଳାମାନେ ଦୃଢ଼ମନା ହେବେ । ବ୍ୟବସାୟରେ ଭଲ ଆୟ ହେବ ।



ଇଂ. ମାୟାଧର ସ୍ୱାଇଁ



# ପ୍ରଦୂଷଣ ବଳୟରେ ପୃଥିବୀ

ଚଳିତ ବର୍ଷ ନଭେମ୍ବର ମାସରେ ଦିଲ୍ଲୀର ପରିବେଶ ଏତେ ସାଙ୍ଘାତିକ ହେଲା ଯେ ସ୍କୁଲଗୁଡ଼ିକୁ କିଛି ଦିନ ପାଇଁ ବନ୍ଦ କରିବାକୁ ପଡ଼ିଲା ଏବଂ ଯାନବାହନ ନିୟନ୍ତ୍ରଣ କରାଗଲା। ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକ ବା ଏକ୍ୟୁଆଇ ୪୦୦ରୁ ଅଧିକରେ ପହଞ୍ଚିଲା। ଏହା ହେଉଛି ଅତି ସାଙ୍ଘାତିକ ବାୟୁ ପ୍ରଦୂଷଣର ସୂଚକ। ସୂଚନାଯୋଗ୍ୟ ଯେ, ଏହା ୫୦ ଭିତରେ ରହିଲେ ଉତ୍ତମ, ୫୧ରୁ ୧୦୦ ମଧ୍ୟରେ ସନ୍ତୋଷଜନକ, ୧୦୧-୨୦୦ ମଧ୍ୟରେ ମଧ୍ୟମ, ୨୦୧ରୁ ୩୦୦ ମଧ୍ୟରେ ଖରାପ, ୩୦୧ରୁ ୪୦୦ ମଧ୍ୟରେ ଅତି ଖରାପ ଏବଂ ୪୦୦ରୁ ଅଧିକ ହେଲେ ସାଙ୍ଘାତିକ ହୋଇଥାଏ। ଏପରି ହେଲା ଯେ ଦିଲ୍ଲୀ ବାୟୁମଣ୍ଡଳରୁ ଧୂଳି ଓ ସୂକ୍ଷ୍ମ କଣିକାଗୁଡ଼ିକୁ ବାହାର କରିବା ପାଇଁ ଦିଲ୍ଲୀ ସରକାର କୃତ୍ରିମ ବୃଷ୍ଟିର ସହାୟତା ନେଲେ। ଅବଶ୍ୟ ଏଥିରେ ବିଶେଷ ସୁଫଳ ମିଳିଲା ନାହିଁ।

ଦିଲ୍ଲୀରେ ପରିବେଶ ପ୍ରଦୂଷଣ ଅତିମାତ୍ରାରେ ଅଧିକ ହେଲେ ମଧ୍ୟ ଏହା ବର୍ତ୍ତମାନ ସମଗ୍ର ଦେଶରେ ହେଉଛି ଏକ ସାଧାରଣ ଘଟଣା। ଦିଲ୍ଲୀ ଦେଶର ରାଜଧାନୀ ହୋଇଥିବାରୁ ଏହାର ପ୍ରଦୂଷଣକୁ ଗୁରୁତ୍ୱର ସହ ବିଚାର କରାଯାଉଛି, ଅନ୍ୟଥା ଦେଶର ଅଧିକାଂଶ ସହର ଓ ଗ୍ରାମ ଆଜି ପ୍ରଦୂଷଣ ଦ୍ୱାରା କବଳିତ ହୋଇଛି।

## ପରିବେଶ ପ୍ରଦୂଷଣ

ଆମ ଚାରିପଟେ ଥିବା ସମସ୍ତ ଭୌତିକ, ରାସାୟନିକ ଓ ଜୈବିକ ବସ୍ତୁକୁ ନେଇ ପରିବେଶ ଗଠିତ। ଏଥିରେ ଉଭୟ ପ୍ରାକୃତିକ ଓ କୃତ୍ରିମ ଉପାଦାନ ଅଛି। ପ୍ରାକୃତିକ ଉପାଦାନ ଯଥା- ଜଳ, ବାୟୁ, ମୃତ୍ତିକା ଓ ଜୀବଜଗତ ଏହାର ମୂଳଭିତ୍ତି ହୋଇଥିବା ବେଳେ ରାସ୍ତା, କୋଠା, କଳକାରଖାନା ଆଦି ମନୁଷ୍ୟ ନିର୍ମିତ ବସ୍ତୁ ହେଉଛି ପରିବେଶର କୃତ୍ରିମ ଉପାଦାନ।

ପ୍ରାକୃତିକ ଓ ମନୁଷ୍ୟ ନିର୍ମିତ ବସ୍ତୁ ମଧ୍ୟରେ ଆନ୍ତଃସଂଯୋଗରୁ ଜଣାପଡ଼େ ଯେ, ମନୁଷ୍ୟର କ୍ରିୟାକଳାପ ପରିବେଶ ଉପରେ ପ୍ରଭାବ ପକାଇଥାଏ। ଉଦାହରଣ ସ୍ୱରୂପ, ଜଙ୍ଗଲ କ୍ଷୟ, ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନ ଆଦି ହେଉଛି ମନୁଷ୍ୟକୃତ ଏବଂ ଏହା ପ୍ରକୃତିର ସନ୍ତୁଳନରେ ବାଧା ପହଞ୍ଚାଇଥାଏ। ପରିବେଶରେ କ୍ଷତିକାରକ ପଦାର୍ଥର ପ୍ରବେଶ ହେଉଛି ପରିବେଶ ପ୍ରଦୂଷଣ। ଏହା ପରିବେଶର ପ୍ରାକୃତିକ ଉପାଦାନଗୁଡ଼ିକର କ୍ଷତି ଘଟାଇଥାଏ, ଯାହାର କୁପ୍ରଭାବ ଜୀବଜଗତ ଉପରେ ପଡ଼ିଥାଏ।



ଏହା ମଧ୍ୟରେ ବାୟୁ ପ୍ରଦୂଷଣ, ଜଳ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଶବ୍ଦ ପ୍ରଦୂଷଣ ଆଦି ଅନ୍ତର୍ଗତ। ଏହାର କାରଣଗୁଡ଼ିକ ମଧ୍ୟରେ ସହରୀକରଣ, ଶିଳ୍ପାୟନ, ଜଙ୍ଗଲ, ଅଗ୍ନି, ଆଧୁନିକ କୃଷି ପଦ୍ଧତି, ଯାନବାହନ ଆଦି ଅନ୍ତର୍ଭୁକ୍ତ।



## ବାୟୁ ପ୍ରଦୂଷଣ

ବାୟୁମଣ୍ଡଳକୁ ବିଭିନ୍ନ ଉତ୍ସରୁ ନିର୍ଗତ କ୍ଷତିକାରକ ପଦାର୍ଥ ଏହାର ପ୍ରଦୂଷଣର କାରଣ ହୋଇଥାଏ। ତାପଜ ବିଦ୍ୟୁତ୍ କେନ୍ଦ୍ର, ଅନ୍ୟ କଳାକାରଖାନାରେ କୋଇଲା ଓ ପେଟ୍ରୋଲିୟମ୍ ତୈଳ ଭଳି ଜୀବାଶ୍ମ ଇନ୍ଧନର ଦହନ ଫଳରେ ବାୟୁମଣ୍ଡଳକୁ କାର୍ବନ ମନୋକ୍ସାଇଡ, ସଲଫର୍ ଡାଇଅକ୍ସାଇଡ ଭଳି ବିଷାକ୍ତ ଗ୍ୟାସ୍ ସାଙ୍ଗକୁ ପାଉଁଶ ନିର୍ଗତ ହୋଇଥାଏ। ପାଉଁଶରେ ଥିବା କ୍ଷୁଦ୍ର କଣିକାଗୁଡ଼ିକ ହେଉଛି ଅତି ସାଘାଂତିକ। ଏହାକୁ ପିଏମ୍ ୨.୫ ଓ ପିଏମ୍ ୧୦ ଭାବରେ ବର୍ଗୀକରଣ କରାଯାଇଛି। ଯେଉଁ କଣିକାର ଆକାର ୨.୫ ମାଇକ୍ରନ୍‌ରୁ କମ୍ ହୋଇଥାଏ, ତାକୁ ପିଏମ୍ ୨.୫ କୁହାଯାଏ। ସେହିପରି ୧୦ ମାଇକ୍ରନ୍‌ରୁ କମ୍ କଣିକାକୁ ପିଏମ୍ ୧୦ କୁହାଯାଏ। ଏକ ମାଇକ୍ରନ୍ ହେଉଛି ଏକ ମିଟରର ନିୟୁତ ଭାଗର ଏକ ଭାଗ। ପିଏମ୍ ୨.୫ କଣିକା ସହଜରେ ଆମ ଶ୍ୱାସକ୍ରିୟା ମାଧ୍ୟମରେ ଶରୀରରେ ପ୍ରବେଶ କରିଥାଏ।

ଯାନବାହନରେ ପେଟ୍ରୋଲ, ଡିଜେଲ ଆଦିର ବ୍ୟବହାର ଯୋଗୁଁ ବାୟୁମଣ୍ଡଳକୁ ପିଏମ୍ ୨.୫ ସମେତ ଅନ୍ୟ ପ୍ରଦୂଷକ ନିର୍ଗତ ହୋଇଥାଏ। ରାସ୍ତା ଓ କୋଠାବାଡ଼ି ନିର୍ମାଣ ଯୋଗୁଁ ମଧ୍ୟ ଧୂଳି ଉଡ଼ି ବାୟୁ ପ୍ରଦୂଷଣ ହୋଇଥାଏ। ଜଙ୍ଗଲ ପୋଡ଼ି ମଧ୍ୟ ହେଉଛି ଏହାର ଅନ୍ୟତମ କାରଣ। ପଞ୍ଜାବ, ହରିଆଣା ଓ ଉତ୍ତର ପ୍ରଦେଶରେ ଫସଲ ଅମଳ ପରେ କ୍ଷେତରେ ଏହାର ଅବଶେଷଗୁଡ଼ିକୁ ଜାଳିଦେବା ଦ୍ୱାରା ଦିଲ୍ଲୀ ଓ ଏହାର ଆଖପାଖରେ ପ୍ରଦୂଷଣ ମାତ୍ରା ବଢ଼ୁଛି।

ବାୟୁ ପ୍ରଦୂଷଣ ଯୋଗୁଁ ଶ୍ୱାସକ୍ରିୟାଜନିତ ରୋଗ ଓ ହୃଦ୍‌ରୋଗ ହୋଇଥାଏ। ଏହା ଫୁସ୍‌ଫୁସ୍‌ରେ କର୍କଟ ରୋଗ ସୃଷ୍ଟି କରିଥାଏ। ଏହା ହେଉଛି ଆଜ୍‌ମା ରୋଗର ଏକ କାରଣ। ଏହା ମଧ୍ୟ ହୃଦ୍‌ଘାତର କାରଣ ହୋଇଥାଏ। ଏଥିଯୋଗୁଁ ଶରୀରର ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ। ଏହା ବିଶେଷ ଭାବେ ଶିଶୁ ଓ ବରିଷ୍ଠ ନାଗରିକମାନଙ୍କୁ ଅଧିକ କ୍ଷତି କରିଥାଏ।

ପୃଥିବୀର ଅନେକ ଦେଶରେ ଅନୁମୋଦିତ ମାତ୍ରାଠାରୁ ବାୟୁ ପ୍ରଦୂଷଣ ଅଧିକ ଥିଲେ ସୁଦ୍ଧା ଭାରତରେ ଏହା ସାଘାଂତିକ ରୂପ ନେଇଛି। ପୃଥିବୀରେ ଅତି ପ୍ରଦୂଷିତ କୋଡ଼ିଏଟି ସହର ମଧ୍ୟରେ ଭାରତର ପନ୍ଦରଟି ସହର ଅନ୍ତର୍ଭୁକ୍ତ ଅଛି। ଏହି ବର୍ଷ ନଭେମ୍ବର ମାସରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଓ ଲଣ୍ଡନ ବିଶ୍ୱବିଦ୍ୟାଳୟ ମିଳିତ ଭାବେ ପ୍ରସ୍ତୁତ କରିଥିବା ଏକ ରିପୋର୍ଟ ଅନୁଯାୟୀ ସମଗ୍ର ପୃଥିବୀରେ ବାୟୁ ପ୍ରଦୂଷଣ ଯୋଗୁଁ ମୃତ୍ୟୁବରଣ କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ୭୦ ପ୍ରତିଶତ ହେଉଛନ୍ତି ଭାରତର। ଏହି ରିପୋର୍ଟ ଅନୁଯାୟୀ ମନୁଷ୍ୟକୃତ ବାୟୁ ପ୍ରଦୂଷଣ ଯୋଗୁଁ ଭାରତରେ ପ୍ରତିବର୍ଷ ପ୍ରାୟ ସତର ଲକ୍ଷ ଲୋକ ମୃତ୍ୟୁବରଣ କରୁଛନ୍ତି। ଏବେ ମଧ୍ୟ ଆମ ଦେଶର ଗ୍ରାମାଞ୍ଚଳରେ ଅନେକ ରୋଷେଇ ଘରେ କାଠ ଓ କୋଇଲା ଚୁଲି ବ୍ୟବହୃତ ହେଉଛି। ଏଥିଯୋଗୁଁ ଅନେକ ମହିଳା ଶ୍ୱାସରୋଗରେ ଆକ୍ରାନ୍ତ ହେଉଛନ୍ତି। ଗତ କେତେ ବର୍ଷ ଧରି ସମସ୍ତଙ୍କୁ ଗ୍ୟାସ୍ ଚୁଲା ଦେବାର ପ୍ରୟାସ ଚାଲିଥିଲେ ମଧ୍ୟ ଏହା ଶତ ପ୍ରତିଶତ ସଫଳ ହୋଇ ପାରିନାହିଁ।




## ପ୍ଲାଷ୍ଟିକ୍ ପ୍ରଦୂଷଣ

ପ୍ଲାଷ୍ଟିକ୍ ଗୋଟିଏ ମାନବ ଉପଯୋଗୀ ବସ୍ତୁ ଭାବେ ବିବେଚନା କରାଯାଏ। ଛୋଟ ବୋତଲଠାରୁ ଆରମ୍ଭ କରି କାର୍, ଉଡ଼ାଜାହଜ ଆଦିରେ ଏହାର ପ୍ରୟୋଗ ଅଛି। ଏହା ଶସ୍ତା ହାଲୁକା ଏବଂ ନେବା ଆଣିବା ପାଇଁ ସୁବିଧା ହୋଇଥିବାରୁ ଏହାର ବ୍ୟବହାର କ୍ରମଶଃ ବଢ଼ି ଚାଲିଛି। ମାତ୍ର ଏହା ଜୈବବିଘଟନୀୟ ନୁହେଁ। ଏଥିପାଇଁ ଏହା ପରିବେଶରେ ଅନେକ ବର୍ଷ ପର୍ଯ୍ୟନ୍ତ ପଡ଼ି ରହେ। ନାଳ, ନର୍ଦ୍ଦମାରେ ଜଳ ପ୍ରବାହରେ ଏହା ବାଧା ଦେଇଥାଏ। ଅନେକ ଗୋରୁଗାଈ ଏହାକୁ ଖାଇ ପ୍ରାଣ ହରାଇଥାନ୍ତି। ସମୁଦ୍ରକୁ ଅନେକ ପ୍ଲାଷ୍ଟିକ୍ ପଦାର୍ଥ ଯାଇଥାଏ ଏବଂ ତିମି ସମେତ ସାମୁଦ୍ରିକ ଜୀବମାନେ ଏହାଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି।



## ମୃତ୍ତିକା ପ୍ରଦୂଷଣ

ଆଧୁନିକ ସଭ୍ୟତା ଯୋଗୁଁ ମୃତ୍ତିକା ପ୍ରଦୂଷଣ ସୃଷ୍ଟି ହେଉଛି। ମୃତ୍ତିକାରେ ଆବଶ୍ୟକୀୟ ପରିମାଣରୁ ଅଧିକ ବିଷାକ୍ତ ରାସାୟନିକ ପଦାର୍ଥ ରହିଲେ ତାହା ଉଦ୍ଭିଦ ପ୍ରତି ଏବଂ ମନୁଷ୍ୟ ପ୍ରତି ବିପଜ୍ଜନକ ହୋଇଥାଏ। କଳକାରଖାନାରୁ ଅଳିଆ ଆବର୍ଜନା ଓ ବର୍ଜ୍ୟବସ୍ତୁକୁ ଖାଲି ଜାଗାରେ ପକାଇବା, ସହରାଞ୍ଚଳର ଶୁଷ୍କ ଆବର୍ଜନାକୁ ବାହାରେ ପକାଇବା ଦ୍ୱାରା ମୃତ୍ତିକାର ଗୁଣବତ୍ତା ହ୍ରାସ ପାଇଥାଏ। ଆଧୁନିକ କୃଷି ପ୍ରଣାଳୀରେ ଖତ, ଗୋବର, ଜାଗାରେ ରାସାୟନିକ ସାର ଓ କୀଟନାଶକ ବ୍ୟବହାର ଦ୍ୱାରା ମୃତ୍ତିକା ତାହାର ଉର୍ବରତା ହରାଇଥାଏ। ମୃତ୍ତିକା ପ୍ରଦୂଷଣର ନିରାକରଣ ପାଇଁ ପ୍ରାକୃତିକ ସାର ଏବଂ ଜୈବିକ କୀଟନାଶକ ବ୍ୟବହାର କରିବା ଉଚିତ। ବୃକ୍ଷରୋପଣ ଦ୍ୱାରା ମୃତ୍ତିକା କ୍ଷୟକୁ ବନ୍ଦ କରାଯିବା ଉଚିତ।



## ଇଲେକ୍‌ଟ୍ରୋନିକ୍ ପ୍ରଦୂଷଣ

ଆଜିର ତଥ୍ୟ ପ୍ରଯୁକ୍ତିବିଦ୍ୟା ଯୁଗରେ ପ୍ରାୟ ସମସ୍ତଙ୍କ ହାତରେ ମୋବାଇଲ ଫୋନ୍ ଓ ଅନ୍ୟ ଇଲେକ୍ଟ୍ରୋନିକ୍ ଉପକରଣ ଅଛି। ଏଗୁଡ଼ିକର ବିବର୍ତ୍ତନ ଏପରି ହେଉଛି ଯେ, ପ୍ରତି ଚାରି ପାଞ୍ଚ ବର୍ଷରେ ନୂଆ ନୂଆ ସୁବିଧା ଥାଇ ଉପକରଣ ବିକାଶ ହେଉଛି। ପୁନଶ୍ଚ ଏସବୁ ଥରେ ଖରାପ ହୋଇଗଲେ ସେଗୁଡ଼ିକକୁ ଫିଙ୍ଗିଦେଇ ନୂଆ କିଣା ଯାଉଛି। ଏହି ସବୁ ଇଲେକ୍‌ଟ୍ରୋନିକ୍ ବର୍ଜ୍ୟବସ୍ତୁ ପରିବେଶ ପ୍ରଦୂଷଣ କରାଯାଏ। ଫୋନ୍, ଲାପଟପ୍ ଆଦିର ପୁରୁଣା ବ୍ୟାଟେରି ହେଉଛି ବିପଜ୍ଜନକ ।

## ଜଳ ପ୍ରଦୂଷଣ

ପ୍ରାକୃତିକ ପରିଷ୍କାର ଜଳ ଉତ୍ସ ଭାବେ ନଦୀ, ପୁଷ୍କରିଣୀ ଆଦିକୁ ମନୁଷ୍ୟ ଅନାଦି କାଳରୁ ବ୍ୟବହାର କରି ଆସୁଥିଲା। ଏଥିପାଇଁ ସମସ୍ତ ପ୍ରାଚୀନ ସଭ୍ୟତା ନଦୀ କୂଳରେ ଗଢ଼ି ଉଠିଥିଲା। କିନ୍ତୁ ଆଜି ଅଧିକାଂଶ ନଦୀଜଳ ପ୍ରଦୂଷିତ ହୋଇଛି। ଜଳର ସୁବିଧା ଯୋଗୁଁ ପ୍ରାୟ ସମସ୍ତ କଳକାରଖାନା ନଦୀ କୂଳରେ ସ୍ଥାପିତ ହୋଇଛି। ଏଥିରୁ ନିର୍ଗତ ତରଳ ବର୍ଜ୍ୟବସ୍ତୁ ନଦୀକୁ ଛାଡ଼ି ଦିଆଯାଉଛି। ଏହା ସହିତ ସହରାଞ୍ଚଳର ନର୍ଦ୍ଦମା ଯାଇ ନଦୀରେ ମିଶୁଛି। ଏଥିଯୋଗୁଁ ନଦୀଜଳ ପ୍ରଦୂଷିତ ହେଉଛି। ଭାରତର ଦୁଇ ପବିତ୍ର ନଦୀ ଗଙ୍ଗା ଓ ଯମୁନା ଏତେ ମାତ୍ରାରେ ପ୍ରଦୂଷିତ ହୋଇଛି ଯେ ଅଧିକାଂଶ ଜାଗାରେ ଏହା ସ୍ନାନଯୋଗ୍ୟ ମଧ୍ୟ ହୋଇ ନାହିଁ। ଓଡ଼ିଶାରେ ବ୍ରାହ୍ମଣୀ ନଦୀ କୂଳରେ ଅନେକ କାରଖାନା ସ୍ଥାପିତ ହୋଇଛି। ଏଥିରୁ ନିର୍ଗତ ବର୍ଜ୍ୟବସ୍ତୁ ନଦୀରେ ମିଶି ଏହାକୁ ପ୍ରଦୂଷିତ କରୁଛି। ଭୁବନେଶ୍ୱର ସହର ଦେଇ ଗଙ୍ଗୁଆ ନଦୀ ଆଉ ନଦୀ ପଦବାଚ୍ୟ ହୋଇ ନାହିଁ। ଅଧିକାଂଶ ଏହାକୁ ଏକ ନାଳ ଭାବେ ଜାଣନ୍ତି। ସହରର ସମସ୍ତ ନାଳ ଏଥିରେ ମିଶିଛି ଏବଂ ଗଙ୍ଗୁଆ ଯାଇ ଦୟାନଦୀରେ ମିଶିଛି। ଦୟାନଦୀର ଅନେକ ଭାଗ ଆଉ ସ୍ନାନଯୋଗ୍ୟ ନାହିଁ ବୋଲି ସରକାର ସ୍ୱୀକାର କରିଥିଲେ। ପ୍ରଦୂଷିତ ଜଳ ଯୋଗୁଁ ଜଳଜୀବମାନେ ପ୍ରଭାବିତ ହୋଇଥାଆନ୍ତି। ପ୍ରଦୂଷିତ ଜଳପାନ ଯୋଗୁଁ ହଇଜା, ଟାଇଫଏଡ, ପୋଲିଓ, ଝାଡ଼ାବାନ୍ତି ଆଦି ରୋଗ ହୋଇଥାଏ। କେତେକ କ୍ଷେତ୍ରରେ ଏହା ମଧ୍ୟ କ୍ୟାନ୍‌ସର ରୋଗ ସୃଷ୍ଟି କରିଥାଏ।

ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଳକାରଖାନା ଓ ସହରାଞ୍ଚଳର ବର୍ଜ୍ୟବସ୍ତୁକୁ ଶୋଧନ ବିନା ନଦୀକୁ ଛାଡ଼ିବାକୁ ଅନୁମତି ଦିଆଯିବା ଉଚିତ ନୁହେଁ। ଜୈବ ପ୍ରଯୁକ୍ତି ବିଦ୍ୟା ସାହାଯ୍ୟରେ ଜଳରାଶିରେ ନିର୍ଦ୍ଦିଷ୍ଟ ପ୍ରକାରର ଅଣୁଜୀବ ଛାଡ଼ିଲେ ସେଗୁଡ଼ିକ ପ୍ରଦୂଷଣଗୁଡ଼ିକକୁ ହଟାଇ ଦେବେ।



## ଧ୍ୱନି ପ୍ରଦୂଷଣ

ଯେ କୌଣସି ଶବ୍ଦ ଜଣଙ୍କୁ ବିରକ୍ତି ଲାଗିଲେ ତାକୁ ଧ୍ୱନି କୁହାଯାଏ। ଏହାକୁ ଡେସିବଲ୍ ଏକକରେ ବ୍ୟବହାର କରାଯାଏ। ଆମର ସାଧାରଣ କଥାବାର୍ତ୍ତାରେ ୨୦ରୁ ୩୦ ଡେସିବେଲ୍, ରେଡିଓରୁ ୫୦ରୁ ୬୦ ଡେସିବେଲ୍, ଉଡ଼ାଜାହାଜରେ ୯୦ରୁ ୧୨୦ ଡେସିବେଲ୍, ମୋଟର ସାଇକେଲରେ ୧୦୫ ଡେସିବେଲ୍ ଧ୍ୱନି ସୃଷ୍ଟି ହୋଇଥାଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଅନୁଯାୟୀ ଦିନରେ ୪୫ ଡେସିବେଲ୍ ଓ ରାତିରେ ୩୫ ଡେସିବେଲ୍ ଧ୍ୱନିର ସର୍ବୋଚ୍ଚ ସୀମା ରହିଛି। ଭାରତ ସରକାର ଏହାକୁ ଯଥାକ୍ରମେ ୫୦ ଡେସିବେଲ୍ ଓ ୪୦ ଡେସିବେଲ୍‌ରେ ଅନୁମୋଦନ ଦେଇଛନ୍ତି। କଳକାରଖାନା, ରେଳ ଷ୍ଟେସନ, ବିମାନ ବନ୍ଦର ନିକଟରେ ରହୁଥିବା ଲୋକମାନେ ଶବ୍ଦ ପ୍ରଦୂଷଣର ଅଧିକ ଶିକାର ହୋଇଥାଆନ୍ତି। ୧୧୦ ଡେସିବେଲ୍‌ରୁ ଅଧିକ ଧ୍ୱନି ମନୁଷ୍ୟର ଶ୍ରବଣ ଶକ୍ତିକୁ ହ୍ରାସ କରିପାରେ। ଏହା ମଧ୍ୟ ମୁଣ୍ଡବିନ୍ଧର, ଉଚ୍ଚରକ୍ତଚାପର କାରଣ ହୋଇଥାଏ। ନିକଟରେ ଖବର ପାଇଥିଲା ଯେ ଓଡ଼ିଶାରେ ଡିଜେ ଧ୍ୱନି ଯୋଗୁଁ ଜଣେ ବୟସ୍କ ବ୍ୟକ୍ତିର ହୃଦ୍‌ଘାତ ହୋଇ ମୃତ୍ୟୁ ହୋଇଛି। ଦୀପାବଳି ଓ ଅନ୍ୟ କେତେକ ଉତ୍ସବରେ ବାଣଫୁଟା ହେଉଛି ପ୍ରଦୂଷଣର ଏକ ପ୍ରମୁଖ କାରକ। ବାୟୁ ମଣ୍ଡଳକୁ ପ୍ରଦୂଷିତ କରିବା ସହିତ ଏହା ଧ୍ୱନି ପ୍ରଦୂଷଣ କରିଥାଏ। ବିଶେଷ ଭାବରେ ଶିଶୁ ରୋଗୀ ଓ ବୟସ୍କବ୍ୟକ୍ତିମାନେ ଏହାଦ୍ୱାରା ଅଧିକ ଭାବରେ ପ୍ରଭାବିତ ହୋଇଥାଆନ୍ତି।

ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଅନେକ ଆଇନ୍ ଅଛି। ମାତ୍ର ଏହାର ସଠିକ୍ କାର୍ଯ୍ୟକାରିତାକୁ ଦେଖିବା ପାଇଁ ପ୍ରଶାସନ ଦୃଷ୍ଟି ଦେବା ଉଚିତ। ଏହା ବ୍ୟତୀତ ଜନସାଧାରଣ ସଜାଗ ହୋଇ ଏହାର ପ୍ରତିକାର କରିବା ଆବଶ୍ୟକ।

ସମ୍ପାଦକ, ସାଇନ୍‌ସ ହୋରିଜନ, ୭୦, ଲକ୍ଷ୍ମୀବିହାର ଫେଜ -୧, ଭୁବନେଶ୍ୱର-୭୫୧୦୧୮, ମୋ: ୯୪୩୮ ୯୩୭୨୪



# ବିଷ ବଳୟରେ ଦିଲ୍ଲୀ



ନିକୁଞ୍ଜ ବିହାରୀ ସାହୁ



ଇତି ମଧ୍ୟରେ ରାଜଧାନୀ ଦିଲ୍ଲୀରେ ବାୟୁ ପ୍ରଦୂଷଣର ମାତ୍ରା କ୍ରମାଗତ ବୃଦ୍ଧି ପାଇବାରେ ଲାଗିଛି। ମହାନଗରୀର ସମଗ୍ର ବାତାବରଣକୁ ସକାଳ ସମୟରେ ଘନ କୁହୁଡ଼ିର ଏକ ଆସ୍ତରଣ ଘେରି ରହୁ ଥିବାର ଦେଖା ଯାଉଛି। ଏହାଦ୍ୱାରା ବାତାବରଣର ଦୃଶ୍ୟତା (Visibility) ହ୍ରାସ ପାଇବା ସାଙ୍ଗକୁ ଶ୍ୱାସରୁଦ୍ଧ ପରିସ୍ଥିତି ସୃଷ୍ଟି ହେଉଛି। ଦିଲ୍ଲୀରେ ଦୀପାବଳି ପରଠାରୁ ପ୍ରଦୂଷଣର ମାତ୍ରା ବୃଦ୍ଧି ପାଇ ଏବେ 'ବାୟୁ ଗୁଣବତ୍ତା ସୂଚକାଙ୍କ' (Air Quality Index- AQI) ମୂଲ୍ୟ ୪୦୦ରୁ ଉର୍ଦ୍ଧ୍ୱରେ ଅର୍ଥାତ 'ଗୁରୁତର' କିମ୍ବା 'Severe' ସୀମା ମଧ୍ୟରେ ରହୁଛି। ରାଜଧାନୀରେ ବାୟୁ ପ୍ରଦୂଷଣର ଏପରି ଅଧୋଗତି ପାଇଁ କିଛି ବର୍ଷ ତଳେ ମାନ୍ୟବର ସୁପ୍ରିମ କୋର୍ଟ ଘୋର ଉଦ୍‌ବେଗ ପ୍ରକାଶ କରି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ତୁରନ୍ତ ଓ ଜରୁରୀକାଳୀନ ଭିତ୍ତିକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକୁ ଅନୁପାଳନ କରି କରି ଦିଲ୍ଲୀ ସରକାର ବିଦ୍ୟାଳୟଗୁଡ଼ିକକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ ରଖିବା ସହିତ ସରକାରୀ କର୍ମଚାରୀମାନଙ୍କୁ ଘରେ ରହି କାର୍ଯ୍ୟ କରିବା (Work From Home)କୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ରାଜଧାନୀରେ ଅଣଜରୁରି କାର୍ଯ୍ୟରେ ପ୍ରବେଶ କରୁଥିବା ଟ୍ରକ୍‌ଗୁଡ଼ିକର ଗତିବିଧି ଉପରେ ମଧ୍ୟ ନିଷେଧାଦେଶ ଲାଗୁ କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ଦିଲ୍ଲୀ ସରକାର ବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପଦାରେ ଖେଳକୁଦ କ୍ରିୟା ଉପରେ ନିଷେଧାଦେଶ ଜାରି କରିବା ସହିତ ସୁପ୍ରିମ୍ କୋର୍ଟଙ୍କ ନିର୍ଦ୍ଦେଶମତେ ପ୍ରଦୂଷଣ ନିରୋଧ ସଂକ୍ରାନ୍ତୀୟ 'ପର୍ଯ୍ୟାୟଭୁକ୍ତ ପ୍ରତିକ୍ରିୟା କାର୍ଯ୍ୟପନ୍ଥା ଯୋଜନା GRAP (Graded Response Action Plan)'ର ନିୟମାବଳୀକୁ ଅଧିକ କଠୋର କରିଛନ୍ତି।

## ବାୟୁ ପ୍ରଦୂଷଣର କାରଣ



କୌଣସି ସ୍ଥାନୀୟ ଅଞ୍ଚଳର ବାୟୁର ଗୁଣବତ୍ତା ବାୟୁରେ ଭାସମାନ ସୂକ୍ଷ୍ମ କଣିକା ପଦାର୍ଥ (Suspended Particulate Matter-SPM)ର ଉପସ୍ଥିତିର ମାତ୍ରା ଉପରେ ନିର୍ଭରଶୀଳ। ଚଳିତ ଶୀତଋତୁରେ ଦିଲ୍ଲୀର ବାୟୁମଣ୍ଡଳରେ ସବୁଠାରୁ ବିପଜ୍ଜନକ ଭାସମାନ କଣିକା ପଦାର୍ଥ- ୨.୫ (SPM-2.5) ର ହାରାହାରି ମୂଲ୍ୟ ୨୦୦ ମାଇକ୍ରୋ ଗ୍ରାମ/ଘନ ମିଟର ଅଙ୍କ ଉପରେ ଅବସ୍ଥାନ କରୁଛି, ଯାହା ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଦ୍ୱାରା ଧାର୍ଯ୍ୟ ନିରାପଦ ସ୍ତରଠାରୁ ପ୍ରାୟ ୧୫ ଗୁଣ ଅଧିକ। ଏହି କଣିକା ସବୁ ଏତେ ସୂକ୍ଷ୍ମ ଯେ, ଏହା ସହଜରେ ଶ୍ୱାସନଳୀ ମଧ୍ୟରେ ପ୍ରବେଶ କରି କୋଷିକାଗୁଡ଼ିକକୁ ଅବରୋଧ କରି ପାରନ୍ତି। ଏପରି ବାୟୁକୁ ପ୍ରଶ୍ୱାସରେ ଗ୍ରହଣ କରିବା ଦିନକୁ ୫୦ଟି ସିଗାରେଟର ଧୂମପାନ କରିବା ସଙ୍ଗେ ସମାନ। ଦିଲ୍ଲୀର ଏଭଳି ବାୟୁମଣ୍ଡଳୀୟ ଅବସ୍ଥାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟର ହିଟଲରଙ୍କ କୁଖ୍ୟାତ ମୃତ୍ୟୁ ଶିବିର (Hitler's Death Camp) ସହିତ ତୁଳନା କରାଯାଉଛି, ଯେଉଁଠି ହଜାର ହଜାର ଇହୁଦୀଙ୍କୁ ନିର୍ଦ୍ଦୟ ଭାବେ ରୁଦ୍ଧ କୋଠରି ମଧ୍ୟରେ ବନ୍ଦୀ କରି ବିଷାକ୍ତ ଗ୍ୟାସ୍ ପ୍ରୟୋଗ ଜରିଆରେ ହତ୍ୟା କରାଯାଇଥିଲା।

ଦିଲ୍ଲୀରେ ପ୍ରତି ବର୍ଷ ଶୀତ ଋତୁର ପ୍ରାରମ୍ଭରେ ନିମ୍ନ ତାପମାତ୍ରା ଯୋଗୁଁ ବାୟୁ ପ୍ରବାହର ବେଗ ହ୍ରାସ ପାଉଥିବାରୁ ବାୟମଣ୍ଡଳରେ ପ୍ରଦୂଷକ ପଦାର୍ଥ ସବୁ ସଞ୍ଚାଳିତ ହୋଇନପାରି, ବାୟୁ ପ୍ରଦୂଷଣର ଏପରି ଚରମ ଦୁରାବସ୍ଥା ପରିଲକ୍ଷିତ ହୋଇଥାଏ। ଏଥିପାଇଁ ଆଖପାଖର ଜୀବାଶ୍ମ ଇନ୍ଧନ ଭିତ୍ତିକ ଶକ୍ତିକେନ୍ଦ୍ର ସବୁରୁ ଉତ୍ସର୍ଜିତ କଣିକା ପଦାର୍ଥ, ନିର୍ମାଣ ସ୍ଥଳୀସବୁରୁ ନିର୍ଗତ ଧୂଳି ଓ ଗୁଣ୍ଡ, ଗାଡ଼ିମଟରରୁ ନିର୍ଗତ ଧୂଆଁ ତଥା ଆବର୍ଜନାର ଖୋଲା ଦହନ ଦ୍ୱାରା ନିର୍ଗତ ପାଉଁଶ ଦାୟୀ। ଏ କ୍ଷେତ୍ରରେ ଏକ ବଡ଼ କାରକ ହେଲା ପଡ଼ୋଶୀ ରାଜ୍ୟ ପଞ୍ଜାବ ଓ ହରିଆଣାର କୃଷକମାନଙ୍କର ଶସ୍ୟ ଅମଳ ପରେ ଅବଶେଷ ସବୁକୁ ଜମିରେ ପୋଡ଼ି ଦେବା ଦ୍ୱାରା ବାୟୁମଣ୍ଡଳକୁ ନିର୍ଗତ ହେଉଥିବା ବିପୁଳ କଣିକା ପଦାର୍ଥ। ଆହୁରି ମଧ୍ୟ, ଏ ସମୟରେ ଦୀପାବଳି ପଡୁଥିବାରୁ ଲୋକେ ବାଣ ଫୁଟାଇବା ଦ୍ୱାରା ସେଥିରୁ ନିର୍ଗତ ଧୂଆଁ ଓ କଣିକା ପଦାର୍ଥ ବାୟୁ ପ୍ରଦୂଷଣର ମାତ୍ରାକୁ ତ୍ୱରାନ୍ୱିତ କରିଥାଏ। ଚଳିତ ବର୍ଷ ଦୀପାବଳିରେ ଦିଲ୍ଲୀ ସରକାର ଫୋଟକା ଫୁଟାଇବାର ନିୟମରେ କୋହଳ କରିଥିବାରୁ ଦୀପାବଳି ରାତିରେ ଲୋକଙ୍କ ବିପୁଳ ଫୋଟକା ବ୍ୟବହାର ଦ୍ୱାରା ବାୟୁପ୍ରଦୂଷଣର ମାତ୍ରା ଆଶାତୀତ ବୃଦ୍ଧି ପାଇ ବାୟୁ ଗୁଣବତ୍ତା ସୂଚକାଙ୍କ ୪୮୮ ମୂଲ୍ୟ ଅର୍ଥାତ 'ଅତି ଗୁରୁତର -ଜରୁରି' ସ୍ଥିତିରେ ପହଞ୍ଚି ଯାଇଥିଲା।





## ବାୟୁ ଗୁଣବତ୍ତା ସୂଚକାଙ୍କ

କୌଣସି ସ୍ଥାନର 'ବାୟୁ ଗୁଣବତ୍ତା ସୂଚକାଙ୍କ' (AQI) ମାନ ୦ ରୁ ୫୦ ମୂଲ୍ୟ ମଧ୍ୟରେ ରହିଲେ 'ଉତ୍ତମ' (Good), ୫୧ରୁ ୧୦୦ ମଧ୍ୟରେ ରହିଲେ 'ସନ୍ତୋଷଜନକ' (Satisfactory), ୧୦୦ ରୁ ୨୦୦ ମଧ୍ୟରେ ରହିଲେ 'ମୃଦୁ' (Moderate), ୨୦୧ ରୁ ୩୦୦ ମଧ୍ୟରେ ରହିଲେ 'ଖରାପ' (Poor), ୩୦୧ ରୁ ୪୦୦ ମଧ୍ୟରେ ରହିଲେ 'ଅତି ଖରାପ' (Very Poor), ୪୦୧ ରୁ ୫୦୦ ମଧ୍ୟରେ ରହିଲେ 'ଗୁରୁତର' (Severe) ଏବଂ ୫୦୦ ରୁ ଊର୍ଦ୍ଧ୍ୱରେ ରହିଲେ 'ଅତି ଗୁରୁତରଯୁକ୍ତ ଜରୁରି' (Severe Plus Emergency) ଶ୍ରେଣୀର ଅନ୍ତର୍ଭୁକ୍ତ କରାଯାଏ । ୨୦୨୫ ମସିହା ଦୀପାବଳି ପରଠାରୁ ଦିଲ୍ଲୀର 'ବାୟୁ ଗୁଣବତ୍ତା ସୂଚକାଙ୍କ' ମାନର ଅଧୋଗତି ଘଟି କ୍ରମାଗତ ଭାବେ 'ଖରାପ', 'ଅତି ଖରାପ' ତଥା 'ଗୁରୁତର' ଶ୍ରେଣୀ ମଧ୍ୟରେ ଅବସ୍ଥାନ କରୁଛି ଏବଂ ଆଗାମୀ ଦିନରେ ଏହା ଆହୁରି ଶୋଚନୀୟ ଅବସ୍ଥା ପ୍ରାପ୍ତ ହୋଇ 'ଅତି ଗୁରୁତର ଜରୁରି' ସ୍ଥିତି ଆଡ଼କୁ ଗତି କରିବାର ଆଶଙ୍କା ପ୍ରକାଶ ପାଉଛି । ଏପରି ବିଷାକ୍ତ ବାୟୁକୁ ପ୍ରଶ୍ୱାସରେ ଗ୍ରହଣ କରିବା ସ୍ୱାସ୍ଥ୍ୟ ପକ୍ଷରେ ଅତ୍ୟନ୍ତ କ୍ଷତିକାରକ ଏବଂ ଏହାଦ୍ୱାରା ବିଶେଷକରି ବୟସ୍କମାନେ ବିଭିନ୍ନ ଶ୍ୱାସ ଜନିତ ବ୍ୟାଧି ଯଥା ଆଜମା, ବ୍ରୋଙ୍କାଇଟିସ, ନିମୋନିଆ, ଫୁସଫୁସ୍ କର୍କଟ ରୋଗର ଶିକାର ହେବାର ଆଶଙ୍କା ରହିଛି । ଏପରିକି, ଏଭଳି ବାୟୁର ସ୍ୱଳ୍ପ ମାତ୍ରାରେ ଗ୍ରହଣ ଦ୍ୱାରା ସୁସ୍ଥ ଓ ତରୁଣ ବ୍ୟକ୍ତିମାନଙ୍କ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପରିଲକ୍ଷିତ ହୋଇପାରେ । ଏବେ ଏକ ସଦ୍ୟ ଗବେଷଣାରୁ ଜଣା ପଡ଼ିଛି ଯେ, ଏଭଳି ବାୟୁ କେବଳ ଶରୀରର ଶ୍ୱାସତନ୍ତ୍ରକୁ ପ୍ରଭାବିତ କରେ ନାହିଁ, ବରଂ ଚକ୍ଷୁ ଉପରେ ମଧ୍ୟ ପ୍ରତିକୂଳ ପ୍ରଭାବ ପକାଇ ଥାଏ ।

## ରାଜଧାନୀର ଜନସଂଖ୍ୟା ବୃଦ୍ଧି

ଦିଲ୍ଲୀକୁ ପ୍ରତି ବର୍ଷ ହଜାର ହଜାର ପ୍ରବାସୀ ବ୍ୟକ୍ତି କାମଧନ୍ଦା ତଥା ଜୀବିକା ଅନ୍ୱେଷଣରେ ଆସୁଥିବାରୁ ରାଜଧାନୀର ଜନସଂଖ୍ୟା କ୍ରମାଗତ ବଢ଼ିବାରେ ଲାଗିଛି । ବିପୁଳ ଧୂଳି ନିର୍ଗତ ହେଉଥିବା ନିର୍ମାଣସ୍ଥଳୀଗୁଡ଼ିକର ଅନିୟନ୍ତ୍ରିତ କାର୍ଯ୍ୟକଳାପ, ଶିଳ୍ପ ଜନିତ ଉତ୍ସର୍ଜନ ଏବଂ ଜୀବାଶ୍ମ ଇନ୍ଧନ (ବିଶେଷକରି କୋଇଲା) ଭିତ୍ତିକ କାରଖାନାର ସଂଖ୍ୟା ବୃଦ୍ଧି ଫଳରେ ରାଜଧାନୀର ପ୍ରଦୂଷଣ ସ୍ତର କ୍ରମାଗତ ବଢ଼ିବାରେ ଲାଗିଛି । ପୁନଶ୍ଚ, ନାଗରିକମାନଙ୍କର ଜୀବନ ଧାରଣ ମାନରେ ଉନ୍ନତି ଘଟୁଥିବାରୁ ଦିଲ୍ଲୀରେ କାର୍ ବିକ୍ରି ସଂଖ୍ୟାରେ ମଧ ଆଶାତୀତ ବୃଦ୍ଧି ଘଟିଛି । ଦିଲ୍ଲୀରେ ପଞ୍ଜୀକୃତ ୧ କୋଟିରୁ ଉର୍ଦ୍ଧ୍ୱ ମଟରଗାଡ଼ି ଦୈନିକ ମହାନଗରୀର ରାଜରାସ୍ତାରେ ସ୍ଥାନ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ପ୍ରତି ରାତିରେ ପଡ଼ୋଶୀ ରାଜ୍ୟମାନଙ୍କରୁ ଡିଜେଲ୍ ଧୂଆଁ ନିର୍ଗତ କରୁଥିବା ଶହ ଶହ ଟ୍ରକ୍ ଅତ୍ୟାବଶ୍ୟକୀୟ ସାମଗ୍ରୀ ପରିବହନ କରି ରାଜଧାନୀରେ ପ୍ରବେଶ କରିଥା'ନ୍ତି ।



## ଦ୍ୱୈତ-ନଗରୀରେ ବାୟୁ ପ୍ରଦୂଷଣ ବୃଦ୍ଧି

ଇତି ମଧ୍ୟରେ ଆମ ଓଡ଼ିଶାରେ ମଧ ଦ୍ୱୈତ-ନଗରୀ ଭୁବନେଶ୍ୱର ଓ କଟକରେ ଦୀପାବଳି ପରଠାରୁ ବାୟୁ ପ୍ରଦୂଷଣର ମାତ୍ରା ବୃଦ୍ଧିପାଇ ବାୟୁ ଗୁଣବତ୍ତା ସୂଚକାଙ୍କ ମାନ 'ସନ୍ତୋଷଜକ' ଓ 'ମୃଦୁ' ସ୍ତରରୁ ଖସି ଆସି ଏବେ 'ଖରାପ' ଶ୍ରେଣୀରେ ପହଞ୍ଚିଲାଣି । ସେପଟେ ଶିଳ୍ପ ନଗରୀ ଅନୁଗୁଳ ଓ ତାଳଚେରର ଅବସ୍ଥା ଆହୁରି ଶୋଚନୀୟ ରହିଛି । ଯାନବାହନର ସଂଖ୍ୟାରେ ଆଶାତୀତ ବୃଦ୍ଧି, ପୁରୁଣା ଗାଡ଼ି ମଟରର ବହୁଳ ଚଳପ୍ରଚଳ, ଆଖପାଖରେ ଥିବା ଇଟା ଭାଟି ସବୁରୁ ନିର୍ଗତ ଧୂଆଁ, ପାଉଁଶ, ରାସ୍ତାଘାଟ, ନିର୍ମାଣସ୍ଥଳୀ, କବାଡ଼ିଖାନା ସବୁରୁ ନିର୍ଗତ ବିପୁଳ ଧୂଳି ଓ ଗୁଣ୍ଡ ଦ୍ୱୈତ ନଗରୀରେ ବାୟୁ ପ୍ରଦୂଷଣ ବୃଦ୍ଧିର ମୁଖ୍ୟ କାରଣ ବୋଲି ଜଣାଯାଇଛି । ଚିକାଗୋ ବିଶ୍ୱବିଦ୍ୟାଳୟ ଦ୍ୱାରା ପ୍ରକାଶିତ ବାୟୁ ଗୁଣବତ୍ତା ସୂଚକାଙ୍କର ଏକ ଆକଳନରୁ ଜଣାପଡ଼େ ଯେ, ରାଜଧାନୀ ଭୁବନେଶ୍ୱରର ବାୟୁର ଗୁଣବତ୍ତା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ନିର୍ଦ୍ଧାରିତ ମାନକ ଅନୁସାରେ ରହିଲେ ଭୁବନେଶ୍ୱରର ବାସିନ୍ଦା ଆଉ ୨.୭ ବର୍ଷ କାଳ ଅଧିକ ବଞ୍ଚି ପାରନ୍ତେ !

## ସଙ୍କଟର ପ୍ରତିକାର ଆବଶ୍ୟକ

ବାୟୁ ପ୍ରଦୂଷଣ ଭଳି ଉତ୍କଟ ସଙ୍କଟର ପ୍ରତିକାର ସ୍ୱରୂପ ଦିଲ୍ଲୀକୁ ଆଗାମୀ ଦିନରେ ଦୀର୍ଘସୂତ୍ରୀ ସମାଧାନର ପନ୍ଥା ଗ୍ରହଣ କରିବାକୁ ପଡ଼ିବ । ଛତୁ ଭଳି ଫୁଟୁଥିବା ନିର୍ମାଣସ୍ଥଳୀଗୁଡ଼ିକର କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିବା ସଙ୍ଗେ ସଙ୍ଗେ ପ୍ରଦୂଷଣକାରୀ ଶିଳ୍ପସଂସ୍ଥାଗୁଡ଼ିକକୁ ସହର ବାହାର ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯିବା ଉଚିତ । ଗାଡ଼ିମଟରଗୁଡ଼ିକରୁ ନିର୍ଗତ ଉତ୍ସର୍ଜନକୁ ନିୟମିତ ରୂପେ ତଦାରଖ କରାଯିବା ଆବଶ୍ୟକ । ପୁରୁଣା ଓ ପ୍ରଦୂଷଣଯୁକ୍ତ ଯାନବାହାନକୁ ପ୍ରତ୍ୟାହାର କରାଯିବା ଉଚିତ । ପଡ଼ୋଶୀ ରାଜ୍ୟର କୃଷକମାନଙ୍କୁ ଶସ୍ୟ ଅମଳ ପରେ ଜମିରେ ଶସ୍ୟର ଅବଶେଷ ସମୂହକୁ କିପରି ନିରାପଦ ପରିବେଶ ପ୍ରିୟ ପଦ୍ଧତିରେ ନଷ୍ଟ କରାଯାଇ ପାରିବ, ସେ ସମ୍ପର୍କରେ ସଚେତନ କରାଯିବା ଦରକାର । ଆହୁରି ମଧ୍ୟ, ମହାନଗରୀର ସମସ୍ତ ପ୍ରଦୂଷଣ-ପ୍ରବଣ ଡିଜେଲ୍ ଇଞ୍ଜିନ୍ ଯଥା, ପୁରୁଣା ଜେନେରେଟର୍ ଓ ପମ୍ପସେଟ୍‌କୁ ଉଚ୍ଛେଦ କରି ପରିବେଶୀୟ ବୈଧାନିକ ମାନକ ସ୍ତର ଅନୁଯାୟୀ ନିମ୍ନ ଉତ୍ସର୍ଜନ ବିଶିଷ୍ଟ ଦକ୍ଷ ଉପକରଣ ବ୍ୟବହାର କରାଯିବା ଆବଶ୍ୟକ । ପରିଶେଷରେ, କଠିନ ଆବର୍ଜନା ସବୁର ଦହନ ଦ୍ୱାରା ପରିବେଶକୁ ବିପୁଳ କଣିକା ପଦାର୍ଥ ନିର୍ଗମନ ହେଉଥିବାରୁ ସେଗୁଡ଼ିକର ସୁଚାରୁ ପରିଚାଳନା ଓ ପ୍ରବନ୍ଧନ ଉପରେ ମଧ ଗୁରୁତ୍ୱ ଦିଆଯିବ ଉଚିତ । ■



### ପ୍ରତିବର୍ଷ ନୂଆଦିଲ୍ଲୀରେ
## ୧୦ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (WHO) ର ଏକ ସର୍ବେକ୍ଷଣରୁ ଜଣାଯାଏ ଯେ, ଦିଲ୍ଲୀ ବାୟୁ ପ୍ରଦୂଷଣ ଦୃଷ୍ଟିକୋଣରୁ ବିଶ୍ୱର ପ୍ରଥମ ୧୦ଟି ପ୍ରଦୂଷିତ ସହର ମଧ୍ୟରୁ ଅନ୍ୟତମ । ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀରେ ବର୍ଷକୁ ପ୍ରାୟ ୧୦,୫୦୦ ଲୋକ ମୃତ୍ୟୁମୁଖରେ ପଡ଼ନ୍ତି । ଦିଲ୍ଲୀରେ ବାୟୁ ପ୍ରଦୂଷଣ ଜନିତ ସମସ୍ୟା ନଥିଲେ ଦିଲ୍ଲୀବାସୀ ଅଧିକ ୯ ବର୍ଷ କାଳ ବଞ୍ଚିପାରନ୍ତେ ବୋଲି ଏକ ରିପୋର୍ଟରୁ ଜଣାଯାଏ । ନିକଟରେ ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ଲାନ୍‌ସେଟ୍ (Lancet) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼େ ଯେ, ଏକାକୀ ୨୦୧୯ ମସିହାରେ ଦିଲ୍ଲୀରେ ବାୟୁ ପ୍ରଦୂଷଣ କାରଣରୁ ପ୍ରାୟ ୧୭,୫୦୦ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି । ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀରେ ବିଶେଷକରି ଶିଶୁ ଓ ମହିଳାମାନଙ୍କ ମଧ୍ୟରେ ଶ୍ୱାସଜନିତ ବ୍ୟାଧିମାନର ପ୍ରାଦୁର୍ଭାବ ଘଟୁଛି । ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀରେ ଶୀତଦିନେ ସ୍ୱଳ୍ପ ଦୃଶ୍ୟତା ହେତୁ ସଡ଼କ ଦୁର୍ଘଟଣା ସଂଖ୍ୟା ଆଶାତୀତ ବୃଦ୍ଧି ପାଉଥିବା ମଧ ଜଣାଯାଏ । ଆହୁରି ମଧ୍ୟ, ଭାରତୀୟ ପାଣିପାଗ ବିଭାଗ (Indian Meteorological Department –IMD) ଦ୍ୱାରା କରାଯାଇଥିବା ଏକ ସର୍ବେକ୍ଷେଣରୁ ଜଣାପଡ଼େ ଯେ, ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀରେ ୧୯୮୮ ମସିହା ପରଠାରୁ ଶୀତଦିନର ସର୍ବାଧିକ ତାପମାତ୍ରା କ୍ରମଶଃ ହ୍ରାସ ପାଇବାରେ ଲାଗିଛି । ଅନ୍ୟ ଏକ ସର୍ବେକ୍ଷଣ ଅନୁଯାୟୀ, ଦିଲ୍ଲୀ ବିଶ୍ୱର ସର୍ବାଧିକ ବାୟୁ ପ୍ରଦୂଷିତ ସହର ଓ ସର୍ବାଧିକ ବାୟୁ ପ୍ରଦୂଷଣ ତାଲିକାରେ ପଡ଼ୋଶୀ ଦେଶ ପାକିସ୍ତାନ ଓ ବଙ୍ଗଳାଦେଶର ତିନୋଟି ସହର ଯଥା ଲାହୋର , କରାଚୀ ଓ ଢାକା ରହିଥିଲାବେଳେ ଆମ ଦେଶର ଅନ୍ୟ ଦୁଇଟି ସହର ଯଥା ମୁମ୍ବାଇ ଓ କୋଲକାତା ରହିଛି ।

ଏଜୁକେଶନ୍ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର, ମୋ: ୮୦୧୮ ୭୦୮୮୫୮

# ଦିଲ୍ଲୀ
# ବିଶ୍ୱ ବାୟୁ ପ୍ରଦୂଷଣର ରାଜଧାନୀ

ଏକଦା କୁହାଯାଉଥିଲା "ପୁଷ୍ପେଷୁ ମଲ୍ଲୀ, ନଗରେଷୁ ଦିଲ୍ଲୀ ।" ତେବେ ବର୍ତ୍ତମାନ "ବିଶ୍ୱ ବାୟୁ ପ୍ରଦୂଷଣର ରାଜଧାନୀ" ଆଖ୍ୟା ପାଇଥିବା ଏହି ନଗରୀରେ ଜୀବନଧାରଣ ଏପରି ସଂକଟଗ୍ରସ୍ତ ହୋଇପଡ଼ିଲାଣି ଯେ, ଏଠାକାର ଅନେକ ସ୍ଥାୟୀ ଅଧିବାସୀ ଅନ୍ୟତ୍ର ଚାଲି ଯିବାକୁ ନିରାପଦ ମନେ କରୁଛନ୍ତି । ସାଧାରଣତଃ ବାୟୁ ପ୍ରଦୂଷଣକୁ "ବାୟୁର ଗୁଣାତ୍ମକ ମାନକ" ବା "ଏୟାର୍ କ୍ୱାଲିଟି ଇଣ୍ଡେକ୍ସ" (ଏକ୍ୟୁଆଇ) ରେ ଆକଳନ କରାଯାଏ । ଏହା ୦ (ଶୂନ୍) ରୁ ୫୦ ଭିତରେ ରହିଲେ ତାହାକୁ ଉତ୍ତମ, ୫୧ରୁ ୧୦୦ ଭିତରେ 'ସନ୍ତୋଷଜନକ', ୧୦୧ରୁ ୨୦୦ ମଧ୍ୟରେ 'ଚଳନୀୟ', ୨-୧ରୁ ୩୦୦ ମଧ୍ୟରେ 'ନିକୃଷ୍ଟ', ୩୦୧ରୁ ୪୦୦ ମଧ୍ୟରେ 'ଅତି ନିକୃଷ୍ଟ' ଏବଂ ୪୦୧ରୁ ୫୦୦ ମଧ୍ୟରେ 'ଉଗ୍ର' ବୋଲି କୁହାଯାଏ । ଏଥିରେ ବିଚାରକୁ ନିଆଯାଉଥିବା ପ୍ରଦୂଷକଗୁଡ଼ିକ ହେଲା ନାଇଟ୍ରୋଜେନ୍‌ର ଅକ୍ସସାଇଡ୍ ସମୂହ, ଓଜୋନ, କାର୍ବନ୍ ମନୋକ୍ସାଇଡ୍, ଆମୋନିଆ, ସୀସା କଣିକାଏବଂ ଦୁଇ ପ୍ରକାର 'ବାୟୁରେ ଭାସମାନ ସୂକ୍ଷ୍ମ କଣିକା' ବା 'ପାର୍ଟିକ୍ୟୁଲେଟ୍ ମାଟର୍' ୨.୫ ଓ 'ପାର୍ଟିକ୍ୟୁଲେଟ୍ ମାଟର୍' ୧୦ (ସଂକ୍ଷେପରେ ଯଥାକ୍ରମେ ପିଏମ୍ ୨.୫, ପିଏମ୍ ୧୦ ଏବଂ ଏଗୁଡ଼ିକର ବ୍ୟାସ ୨.୫ ଓ ୧୦ ମାଇକ୍ରୋ ମିଟର) ।



ପ୍ରଫେସର ରମେଶ ଚନ୍ଦ୍ର ପରିଡ଼ା

## ପ୍ରଦୂଷିତ ନଗରୀ ଦିଲ୍ଲୀ

ପୃଥିବୀର ୨୦ଟି ସର୍ବାଧିକ ପ୍ରଦୂଷିତ ସହର ବା ନଗର ମଧ୍ୟରୁ ୧୩ଟି ଭାରତରେ ଅବସ୍ଥିତ । ଏଗୁଡ଼ିକର 'ଏକ୍ୟୁଆଇ' ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ମାନଦଣ୍ଡ ତୁଳନାରେ ପ୍ରାୟ ୧୫ ଗୁଣ ଅଧିକ । ତନ୍ମଧ୍ୟରୁ ଦିଲ୍ଲୀ ଅନ୍ୟତମ । ଏହା ପୃଥିବୀର ସର୍ବାଧିକ ପ୍ରଦୂଷିତ ରାଜଧାନୀ । କିଛି ବର୍ଷ ତଳେ ଏହି ସ୍ଥାନ ଅଧିକାର କରିଥିଲା ବେଜିଂ । ତେବେ ଚୀନ୍ ସରକାରଙ୍କ ବିଭିନ୍ନ ପଦକ୍ଷେପ ହେତୁ ଏହାର ପ୍ରଦୂଷଣ ହାର ହ୍ରାସ ପାଇଯାଇଛି ।

ଚଳିତ ୨୦୨୫ ମସିହା ଜାନୁଆରୀରୁ ଅଗଷ୍ଟ ମଧ୍ୟରେ ଦିଲ୍ଲୀର 'ଏକ୍ୟୁଆଇ' ସନ୍ତୋଷଜନକ ସୀମାରେ ରହିଥିଲା । ତେବେ ଅକ୍ଟୋବର ମାସଠାରୁ ଶୀତ ଋତୁର ଆଗମନ ପରେ ଏହା କ୍ରମଶଃ ଊର୍ଦ୍ଧ୍ୱଗାମୀ ହେବାକୁ ଲାଗିଲା । ଫଳରେ ନଭେମ୍ବର ୨୧ ତାରିଖ ଦିନ ଏହାର ଏହି ମାନକ ୪୭୫ରେ ପହଞ୍ଚି ଗଲାଣି । (ଦୀପାବଳି ଦିନ ତାହା ୧୦୦୦ ପର୍ଯ୍ୟନ୍ତ ହୋଇଥିବାର କୁହାଯାଉଛି) ଅନ୍ୟପକ୍ଷରେ ବିଗତ ୨୦୨୨, ୨୦୨୩ ଓ ୨୦୨୪ ମସିହାରେ ମଧ ଏହି ସମୟରେ ତାହା ସେହି ପାଖାପାଖି ପର୍ଯ୍ୟନ୍ତ ହୋଇଥିଲା । ବାୟୁ ପ୍ରବାହର ବେଗ ହ୍ରାସ, କୁହୁଡ଼ି ଆଚ୍ଛାଦନ, ଅଧିକ ଜୀବାଶ୍ମ ଇନ୍ଧନ ଦହନ ଫଳରେ ଏବଂ ନିକଟବର୍ତ୍ତୀ ରାଜ୍ୟଗୁଡ଼ିକରେ ଚାଷ କ୍ଷେତରେ ନଡ଼ା ଜଳା ଯିବା ହେତୁ ଉତ୍ପନ୍ନ ବିଭିନ୍ନ ପ୍ରଦୂଷକକୁ ଏହାର କାରଣ ରୂପେ ଗଣନା କରାଯାଉଛି ।

ବର୍ଷ ବର୍ଷ ଧରି ଶୀତ ଋତୁରେ ଦିଲ୍ଲୀର 'ଏକ୍ୟୁଆଇ' ୩୦୦ରୁ ୪୦୦ ପର୍ଯ୍ୟନ୍ତ ରହୁଛି । ସମୟ ସମୟରେ ୫୦୦ ଅତିକ୍ରମ କରି ଯାଉଛି । ଅତଏବ ତାହା ସୃଷ୍ଟି କରୁଛି ନାନାଦି ସ୍ୱାସ୍ଥ୍ୟ ସମସ୍ୟା । ଏହା ଏତେ ଗୁରୁତର ହୋଇପଡୁଛି ଯେ, ବିଶେଷଜ୍ଞମାନେ ଏହାକୁ ଏକ "ଜନସ୍ୱାସ୍ଥ୍ୟ ଆପାତକାଳ' ବୋଲି ଅବିହିତ କରୁଛନ୍ତି । କାରଣ ଏହା ଜୀବନ ପ୍ରତି ବିପଦ ଏବଂ ଆୟୁ କ୍ଷୟକାରୀ ବୋଲି ସେମାନଙ୍କ ମତ । ଏହିଭଳି ଦୂଷିତ ବାୟୁ ନିଶ୍ୱାସରେ ନେବା ଫଳରେ ଦିଲ୍ଲୀର ୮୦ ପ୍ରତିଶତ ପରିବାରର ଲୋକେ ଅଳ୍ପ ବହୁତ ତଦ୍‌ଜନିତ ରୋଗରେ ପୀଡ଼ିତ ହେବାର ଜଣାପଡ଼ିଛି ।

## ବର୍ତ୍ତମାନର ଅବସ୍ଥା

ବର୍ତ୍ତମାନ ଅର୍ଥାତ୍ ଅକ୍ଟୋବର ମାସଠାରୁ, ବିଶେଷ କରି ଦୀପାବଳି ପରଠାରୁ ନଭେମ୍ବର ମାସ ଶେଷ ସପ୍ତାହ ପର୍ଯ୍ୟନ୍ତ, ଦୀର୍ଘ ଦିନ ଧରି ଦିଲ୍ଲୀର ବାୟୁ ଅଧିକାଂଶ ସମୟରେ 'ଉଗ୍ର' (ଏକ୍ୟୁଆଇ ୪୦୦-୫୦୦) କିମ୍ବା 'ଅତି ନିକୃଷ୍ଟ' (ଏକ୍ୟୁଆଇ ୩୦୦-୪୦୦) ଅବସ୍ଥାରେ ରହୁଛି । ଉଦାହରଣ ସ୍ୱରୂପ, ବିଗତ ତା: ୧୭-୧୧-୨୦୨୫ରେ ଏହା ହାରାହାରି ୩୫୧, ତା: ୧୮-୧୧-୨୦୨୫ରେ ୩୭୪ ଏବଂ ତା: ୧୯-୧୧-୨୦୨୫ରେ ୩୯୨ ଥିଲା ବେଳେ ତା: ୨୧-୧୧-୨୦୨୫ରେ ତାହା ୪୭୫ରେ ପହଞ୍ଚିଥିଲା । ଅନ୍ୟପକ୍ଷରେ ତା: ୨୩-୧୧-୨୦୨୫ ଦିନ ଦିଲ୍ଲୀର ୧୮ଟି ଷ୍ଟେସନ୍‌ରେ 'ଏକ୍ୟୁଆଇ' ଥିଲା ହାରାହାରି ୪୦୦ରୁ ଅଧିକ । ସେଥିମଧ୍ୟରୁ ଆନନ୍ଦ ବିହାର, ପଞ୍ଜାବୀ ବାଗ୍, ପାଟପରଗଞ୍ଜ, ଚାନ୍ଦିନୀ ଚୌକ ଏବଂ ଆର୍‌କେପୁରମ୍ ଆଦି ସ୍ଥାନଗୁଡ଼ିକରେ ବର୍ଷ ବର୍ଷ ଧରି ଶୀତ ଋତୁରେ 'ଏକ୍ୟୁଆଇ' ୪୦୦ରୁ ୪୫୦ ଏବଂ କେବେ କେବେ ୫୦୦ ବା ତହିଁରୁ ଅଧିକ ରହୁଛି ।



ଇତି ମଧ୍ୟରେ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (Indian Institute of Medical Sciences) ନୂଆଦିଲ୍ଲୀର ବିଶେଷଜ୍ଞମାନେ ସତର୍କବାଣୀ ଶୁଣାଇଛନ୍ତି ଯେ, ବାୟୁ ପ୍ରଦୂଷଣ ଏବେ "ଜନସ୍ୱାସ୍ଥ୍ୟ ଆପାତକାଳ" ପରିସର ମଧ୍ୟକୁ ପ୍ରବେଶ କରି ସାରିଛି । ତେଣୁ ବିଗତ ମାସରେ (ଅକ୍ଟୋବର) ଚିକିତ୍ସାଳୟଗୁଡ଼ିକରେ ଶ୍ୱାସକ୍ରିୟା ଜନିତ ରୋଗୀ ସଂଖ୍ୟା ୨୦/୨୫ ଶତାଂଶ ବୃଦ୍ଧି ପ୍ରାପ୍ତ ହୋଇଛି । ଏହି ବିଶେଷଜ୍ଞମାନଙ୍କ ମଧ୍ୟରୁ ଅନ୍ୟତମ ହୋଇଥିବା ଡାକ୍ତର ଅନନ୍ତ ମୋହନ କହିଛନ୍ତି ଯେ, ଏ ପ୍ରକାର ବାୟୁ ପ୍ରଦୂଷଣ ହୃତ୍‌ପିଣ୍ଡ, ମସ୍ତିଷ୍କ ସମେତ ପ୍ରତ୍ୟେକ ଶାରୀରିକ ବ୍ୟବସ୍ଥାକୁ ପ୍ରଭାବିତ କରୁଛି । ଫଳରେ ସେଠାକାର ଲୋକଙ୍କ ମଧ୍ୟରେ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବା ଏବଂ ସେ ସମୟରେ ଶବ୍ଦ ବାହାରିବା, ଚକ୍ଷୁରେ ଯନ୍ତ୍ରଣା, ଫୁସ୍‌ଫୁସ୍ ରୋଗ, ନିଦ୍ରାହୀନତା, ରକ୍ତ ସଂଚାଳନରେ ଜଟିଳତା, ହୃଦ୍‌ରୋଗ ଆଦି ଅଧିକରୁ ଅଧିକ ହେବାରେ ଲାଗିଛି । ଗର୍ଭସ୍ଥ ଶିଶୁମାନଙ୍କଠାରୁ ଆରମ୍ଭ କରି ବୟସ୍କମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଏହା ଦ୍ୱାରା ପ୍ରଭାବିତ ହେଉଛନ୍ତି । ବର୍ତ୍ତମାନ ଦିଲ୍ଲୀର ୮୦ ପ୍ରତିଶତ ପରିବାରରୁ ଜଣେ ଦୁଇ ଜଣ ଏବଂ ୩୨ ଶତାଂଶ ପରିବାରର ୪ ଜଣରୁ ଅଧିକ ସଦସ୍ୟ ବାୟୁ ପ୍ରଦୂଷଣଜନିତ ରୋଗରେ ଆକ୍ରାନ୍ତ ହେଉଛନ୍ତି । ଫଳରେ ଆୟୁକ୍ଷୟ ଘଟିବା ସହିତ ରୁଗ୍ଣ ଏବଂ ସାମର୍ଥ୍ୟହୀନ ଲୋକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ।








## ଶିଶୁମାନେ ଅଧିକ ପ୍ରଭାବିତ

ଏକ ବୈଜ୍ଞାନିକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଶିଶୁମାନେ ବାୟୁ ପ୍ରଦୂଷଣର ଅଧିକମାତ୍ରାରେ ଶିକାର ହୁଅନ୍ତି । ଏହା ସେମାନଙ୍କୁ ରୁଗ୍ଣ ଓ ଅକର୍ମଣ୍ୟ କରିଥାଏ । ସେମାନଙ୍କ ଅକାଳ ମୃତ୍ୟୁର କାରଣ ହୋଇଥାଏ । "ସେଣ୍ଟର ଫର୍ ସାଇନ୍ସ ଆଣ୍ଡ ଏନ୍‌ଭାର୍ଣ୍ଣମେଣ୍ଟ"ର ଆକଳନ ଅନୁସାରେ ପ୍ରତିବର୍ଷ ଆମ ଦେଶର ୫ ବର୍ଷ ବୟସରୁ କମ୍ ପ୍ରାୟ ଏକ ଲକ୍ଷ ଶିଶୁ ଏଥିରେ ପ୍ରାଣ ହରାଇଥାନ୍ତି । ଦିଲ୍ଲୀର ଶିଶୁମାନେ ଅଧିକମାତ୍ରାରେ ଏହାର ପରିଣାମ ଭୋଗ କରୁଛନ୍ତି । ଉଦାହରଣ ସ୍ୱରୂପ, ଆଜକୁ ୫ ବର୍ଷ ତଳେ ଏଠାରେ ଜନ୍ମ ହୋଇଥିବା ଏହି ଶିଶୁମାନେ ତାଙ୍କ ଜୀବନର ଅର୍ଦ୍ଧାଧିକ କାଳ ଅର୍ଥାତ୍ ୮୦୦ରୁ ୯୦୦ ଦିନ 'ନିକୃଷ୍ଟ', 'ଅତି ନିକୃଷ୍ଟ' କିମ୍ବା 'ଉଗ୍ର' ରୂପେ ପ୍ରଦୂଷିତ ବାୟୁ ସେବନ କରିଛନ୍ତି । ଫଳରେ ସେମାନଙ୍କ ଫୁସ୍‌ଫୁସ୍ ଅବିକଶିତ, ସଂକୀର୍ଣ୍ଣ ବାୟୁନଳୀରେ ପ୍ରଦାହ ଆଦି ଘଟିବା ସହିତ ତାଙ୍କଠାରେ ନିମୋନିଆ, ଶ୍ୱାସରୋଗ, କାଶ, କଫ ଏପରିକି ଯକ୍ଷ୍ମା ଓ କର୍କଟ ଆଦି ରୋଗର ସମ୍ଭାବନା ଅଧିକ ରହୁଛି । ଶିଶୁମାନେ ସାଧାରଣତଃ ଶୀଘ୍ର ଶୀଘ୍ର ଶ୍ୱାସକ୍ରିୟା ସଂପାଦନ କରନ୍ତି । ଫଳରେ ସେମାନଙ୍କ ଅଧିକ ମାତ୍ରାରେ ପ୍ରଦୂଷକ ପ୍ରବେଶ କରିଥାଏ । ଏଥିରେ ଥିବା ବିବିଧ ବିଷାକ୍ତ ଉପାଦାନ ପ୍ରଭାବଗୁଡ଼ିକ ସହିତ ମସ୍ତିଷ୍କର ବିକାଶକୁ ମଧ୍ୟ ପ୍ରତିହତ କରନ୍ତି । ବାୟୁରେ ଭାସମାନ ବା ପାର୍ଟିକୁଲେଟ୍‌ମାଟର୍ ଏବଂ ନାଇଟ୍ରୋଜେନ୍ ଅକ୍ସାଇଡ୍ ସମୂହ ତାହାର ପରିବର୍ତ୍ତନ ଆଣେ ଏବଂ ତାହାର ଉପଲବ୍ଧିକାରୀ ସାମର୍ଥ୍ୟ ହ୍ରାସ କରେ । ଏଣୁ ସେମାନଙ୍କ ସ୍ମରଣଶକ୍ତି ଓ ଶିକ୍ଷା କରିବା ଶକ୍ତି ମଧ୍ୟ କମ୍ ହୁଏ । ଏପରିକି ଗର୍ଭାବସ୍ଥାରେ ମା'ମାନେ ଏଭଳି ବାୟୁ ସେବନ କରିଥିଲେ ସେମାନଙ୍କ ସନ୍ତାନସନ୍ତତିମାନଙ୍କ ଉପରେ ତାହାର ପ୍ରଭାବ ପରିଲକ୍ଷିତ ହୁଏ । ଦିଲ୍ଲୀରେ ଏସବୁ ବେଶ୍ ଘଟୁଥିବାର ଦେଖାଯାଉଛି । ଚଳିତ ବର୍ଷ (୨୦୨୫ ନଭେମ୍ବର ପର୍ଯ୍ୟନ୍ତ) ଇତି ମଧ୍ୟରେ ସେଠାର ପ୍ରାୟ ୩୦ ଶତାଂଶ ଶିଶୁ ବାୟୁ ପ୍ରଦୂଷଣର ପ୍ରଭାବରେ ଗମ୍ଭୀର ରୂପେ ପ୍ରଭାବିତ ହୋଇ ଚିକିତ୍ସାଳୟଗୁଡ଼ିକରେ ଭର୍ତ୍ତି ହେବାର ଦେଖାଯାଉଛି ।



## ନିରାକରଣ

ଦିଲ୍ଲୀ ଏବଂ ଦେଶର ଅନ୍ୟାନ୍ୟ ବହୁ ସହର ଓ ନଗରଗୁଡ଼ିକରେ ଏବେ ବାୟୁ ପ୍ରଦୂଷଣ ଭୟାବହ ରୂପ ଧାରଣ କରିସାରିଥିଲେ ସୁଦ୍ଧା ଆମ ସରକାର ତଥା ଜନସାଧାରଣଙ୍କର ଏଥିପାଇଁ ଯଥେଷ୍ଟ ଚେତନା ସୃଷ୍ଟି ହୋଇପାରି ନାହିଁ ବୋଲି କୁହାଯାଇପାରିବ । ତେଣୁ ଏ ଦିଗରେ ନିଆଯାଉଥିବା ପଦକ୍ଷେପଗୁଡ଼ିକ ଉପରଠାଉରିଆ ଓ ଖାମଖିଆଲି ହେଉଛି, ଯାହା କି ସମସ୍ୟାଟିକୁ ଜଟିଳରୁ ଜଟିଳତର କରିଚାଲିଛି । ପରମ୍ପରା ଓ ଧର୍ମ ବିଶ୍ୱାସ ନାମରେ ବିଗତ ଦୀପାବଳି ଅବସରରେ ଏ ସମସ୍ତ ସ୍ଥାନରେ ମନଇଚ୍ଛା ତଥାକଥିତ 'ସବୁଜ ବାଣ' ଫୁଟାଇବା ଏହାର ଏକ ଜ୍ୱଳନ୍ତ ଉଦାହରଣ । ଏହା ଯଥେଷ୍ଟ ପ୍ରଦୂଷଣକାରୀ ବୋଲି ଜାଣି ସୁଦ୍ଧା କେହି ଏଥିରୁ ନିବୃତ୍ତ ହୋଇ ନଥିଲେ । ଫଳରେ ଏହା ପରଦିନ ଦେଶସାରା ସବୁଆଡ଼େ 'ଏକ୍ୟୁଆଇ' ବୃଦ୍ଧି ପାଇଥିଲା । ଦିଲ୍ଲୀରେ ଏହା ୧୦୦୦ ପର୍ଯ୍ୟନ୍ତ ହୋଇଥିବାର କୁହାଯାଉଛି । ବିଗତ ବର୍ଷ ବର୍ଷ ଧରି ଏହା ଘଟି ଚାଲିଛି । ତେବେ ବଡ଼ କ୍ଷୋଭର ବିଷୟ ଯେ, ଆମ ସର୍ବୋଚ୍ଚ ନ୍ୟାୟାଳୟ ଏଥିପାଇଁ ଅନୁମତି ଦେଇଥିଲେ ଏବଂ ଲୋକେ ତାହାର ଅପବ୍ୟବହାର କରିଥିଲେ ।

ସେହିପରି ଦିଲ୍ଲୀ ନିକଟବର୍ତ୍ତୀ ରାଜ୍ୟଗୁଡ଼ିକରେ କୃଷି କ୍ଷେତରେ ନଡ଼ା ଜାଳିବା ଏଠାକାର ବାୟୁ ପ୍ରଦୂଷଣର ଅନ୍ୟତମ କାରଣ । ତେବେ ବର୍ଷ ବର୍ଷ ଧରି ସେମାନଙ୍କୁ ଏଥିରୁ ନିବୃତ୍ତ କରିବାକୁ ଉଦ୍ୟମ ସତ୍ତ୍ୱେ ବି ତାହା ସଫଳ ହୋଇପାରିନାହିଁ ।

ଅନ୍ୟପକ୍ଷରେ ଘରେ ଓ ବାହାରେ ଜୀବାଶ୍ମ ଦହନକୁ ବନ୍ଦ କରିବା ଏବଂ ବିଦ୍ୟୁତ୍‌ଚାଳିତ ଯାନବାହାନକୁ ଅଧିକ ପ୍ରୋତ୍ସାହନ ଦେବା ମଧ୍ୟ ଫଳପ୍ରଦ ହୋଇନାହିଁ । ପୁନଶ୍ଚ ଏହା ନିକଟରୁ ପ୍ରଦୂଷଣକାରୀ ଶିଳ୍ପଗୁଡ଼ିକକୁ ସ୍ଥାନାନ୍ତର କିମ୍ବା ବନ୍ଦ କରିଦେବା ଏବଂ ନିର୍ମାଣ କାର୍ଯ୍ୟକୁ ନିୟନ୍ତ୍ରିତ କରିବା ମଧ୍ୟ ଯଥେଷ୍ଟ ମାତ୍ରାରେ କାର୍ଯ୍ୟକାରୀ ହୋଇପାରିନାହିଁ ।





## ଘର ଭିତର ବି ନିରାପଦ ନୁହେଁ

ପ୍ରଦୂଷିତ ବାୟୁରୁ ପିଲାମାନଙ୍କୁ ଦୂରେଇ ରଖିବା ଲାଗି କେତେକ ସ୍ଥାନରେ ବିଦ୍ୟାଳୟ ଛୁଟି ଘୋଷଣା କରାଯାଇଥିଲା, ସେମାନଙ୍କୁ ବାହାରେ ଖେଳିବାକୁ ବାରଣ କରାଯାଇଥିଲା । କେତେକ କମ୍ପାନୀ ପର୍ଯ୍ୟାୟ କ୍ରମେ ସେମାନଙ୍କ ୫୦ ପ୍ରତିଶତ କର୍ମଚାରୀମାନଙ୍କୁ ଘରେ ରହି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଏସବୁ ପଦକ୍ଷେପ ବିଶେଷ ଫଳପ୍ରଦ ହେବ ବୋଲି ମନେ କରାଯାଉ ନାହିଁ । କାରଣ, ନିକଟରେ ରାଜସ୍ଥାନର ପିଲାନୀସ୍ଥିତ "ବିର୍ଲା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' ଏବଂ ଯୋଧପୁରସ୍ଥିତ 'ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି"ର ମିଳିତ ଉଦ୍ୟମରେ ଦିଲ୍ଲୀ ତଥା ଭାରତର ଅନ୍ୟ କେତେକ ପ୍ରଦୂଷିତ ସହରଗୁଡ଼ିକରେ ଘର ଭିତରେ ହୋଇଥିବା 'ଏକ୍ୟୁଆଇ' ଆକଳନରୁ ଜଣାପଡ଼ିଛି ଯେ, ଏସବୁ ସ୍ଥାନରେ ଏହା ବାହାର ଅପେକ୍ଷା ବେଶ୍ ଅଧିକ । ବିଶେଷ କରି ଦିଲ୍ଲୀରେ ଏହା ୩/୪ ଗୁଣ ଅଧିକ । ଘର ଭିତରେ ଇନ୍ଧନ ତଥା ଜୀବାଶ୍ମ ଇନ୍ଧନର ଅନ୍ୟାନ୍ୟ ବ୍ୟବହାର, ଅଳିଆ ଆବର୍ଜନା ଗଚ୍ଛିତ ରଖିବା ଏବଂ ସେଠାରେ ବାୟୁ ଚଳାଚଳ ନଥିବା ହେତୁ ଏପରି ଘଟୁଛି ବୋଲି ସେମାନଙ୍କ ମତ ।

ଏଠାରେ ସୂଚନାଯୋଗ୍ୟ ଯେ, ଏକଦା ଚୀନ୍‌ର ରାଜଧାନୀ ବେଜିଂ ପୃଥିବୀର ସବୁଠାରୁ ବାୟୁ ପ୍ରଦୂଷିତ ନଗରୀ ରୂପେ ଗଣନା କରାଯାଉଥିଲା । ଏଦେଶରେ ମଧ୍ୟ ଆହୁରି ଅନେକ ଥିଲା ତତ୍ତୁଲ୍ୟ ପ୍ରଦୂଷିତ ସହର ବା ନଗର । କିନ୍ତୁ ଏସବୁ ଦିଗରେ କଠୋର ପଦକ୍ଷେପ ସେଗୁଡ଼ିକକୁ ତହିଁରୁ ମୁକ୍ତ କରିପାରିଛି । ଏପରିସ୍ଥଳେ ଆମକୁ ମଧ୍ୟ ତାହା ଅନୁସରଣ କରିବାକୁ ହେବ । ନଚେତ୍ କେବଳ ଦିଲ୍ଲୀ କାହିଁକି ସମଗ୍ର ଦେଶର ବହୁ ସ୍ଥାନରେ ତାହା ଅଧିକରୁ ଅଧିକ ଘାତକ ରୂପ ନେଇ ଉଭା ହେବ । ■

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର,
ଭୁବନେଶ୍ୱର-୭୫୧୦୩୦, ମୋ: ୯ ୯୩୭୩୦୧୪୬୦

# ଭାରତର ପ୍ରଦୂଷିତ ସହର

# ଚିନ୍ତନ ଓ କାରଣ



## ବାୟୁ ପ୍ରଦୂଷଣ

ବାୟୁ ବିଭିନ୍ନ ଉପାଦାନର ଏକ ସମଜାତୀୟ ମିଶ୍ରଣ ଅଟେ । ଏହାର ଉପାଦାନ ମାନକର ସଂଯୋଜ୍ୟତା (Composition) ସବୁଠାରେ ସମାନ । ସଂଯୋଜ୍ୟତା ଦୃଷ୍ଟିରୁ ଏଥିରେ ଦୁଇ ପ୍ରମୁଖ ଗ୍ୟାସ୍ ଯବକ୍ଷାରଜାନ (୭୮%) ଓ ଅମ୍ଳଜାନ (୨୧%) ସହିତ ଅନ୍ୟାନ୍ୟ ଗ୍ୟାସ୍ (୧%) ରହିଥାଏ । ଏହି ସଂଯୋଜ୍ୟତାର ପରିବର୍ତ୍ତନ ହେଲେ ବାୟୁ ପ୍ରଦୂଷଣ ହୁଏ ବୋଲି ଆମେ କହିପାରିବା । ନିର୍ଦ୍ଧାରିତ ମାତ୍ରାଠାରୁ ପ୍ରଦୂଷକର ମାତ୍ରା ବଢ଼ିଗଲେ, ବାୟୁ ବ୍ୟବହାର ଯୋଗ୍ୟ ହୋଇ ରହେ ନାହିଁ । ବର୍ତ୍ତମାନ ଏହି ମାତ୍ରାର ବୃହତ୍ ପରିବର୍ତ୍ତନ ସହିତ ବିଭିନ୍ନ ବିପଦପୂର୍ଣ୍ଣ ପ୍ରଦୂଷକ ଯଥା-କାର୍ବନ୍ ଡାଇଅକ୍ସାଇଡ୍, କାର୍ବନ ମନୋଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ଇତ୍ୟାଦି ବାୟୁକୁ ନିରନ୍ତର ଭାବେ ପ୍ରଦୂଷିତ କରିଚାଲିଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆକଳନ ଅନୁଯାୟୀ ବାୟୁରେ ଏହି କଣିକାଗୁଡ଼ିକର ଆକାର ୨.୫ ମାଇକ୍ରୋମିଟର (PM2.5) ନତୁବା ତା'ଠାରୁ କମିଗଲେ ଏହା ଭୟଙ୍କର ସ୍ୱାସ୍ଥ୍ୟହାନି ଘଟାଇଥାଏ । ଏହି ସୂକ୍ଷ୍ମ ପ୍ରଦୂଷକଗୁଡ଼ିକ ଶରୀରର ଆଭ୍ୟନ୍ତରୀଣ ଅଙ୍ଗର ଖୁବ୍ ଗଭୀର ପର୍ଯ୍ୟନ୍ତ ପ୍ରବେଶ କରି ଏହାକୁ କ୍ରମଶଃ ଦୁର୍ବଳ କରି ପକାନ୍ତି । ସର୍ବଶେଷରେ ବ୍ୟକ୍ତିକୁ ମୃତ୍ୟୁମୁଖକୁ ଠେଲି ଦିଅନ୍ତି ।



ଚନ୍ଦନ କୁମାର ଦାସ

**ସମ୍ପ୍ରତି ବାୟୁ ପ୍ରଦୂଷଣ ଏକ ଚିନ୍ତନୀୟ ବିଷୟ । ଏହାର ଅନେକ କାରଣ ମଧ୍ୟରୁ ପ୍ରଧାନ କାରଣଟିଏ ହେଲା, ଆମେ ଦୈନିକ ଯେତିକି ପରିମାଣରେ ଖାଦ୍ୟ ଗ୍ରହଣ କରୁ ତା'ର ୧୨ ରୁ ୧୫ ଗୁଣା ବାୟୁ ପ୍ରଶ୍ୱାସରେ ଗ୍ରହଣ କରିଥାଉ । ତେଣୁ ଖାଦ୍ୟ ପ୍ରଦୂଷଣ ମଣିଷ ଉପରେ ଯେତିକି ପରିମାଣରେ ଏହାର କୁପ୍ରଭାବ ପକାଇଥାଏ, ତା'ର ୧୫ ଗୁଣା ପ୍ରଭାବ ପ୍ରଦୂଷିତ ବାୟୁ ହିଁ ପକାଇଥାଏ । ମାତ୍ର ଆମେ ଆମର ଖାଦ୍ୟ ଉପରେ ଯେତିକି ଗୁରୁତ୍ୱ ଦେଉ, ସେହି ତୁଳନାରେ ଶୁଦ୍ଧ ବାୟୁ ଉପରେ ହେଉ ନାହିଁ । ବର୍ତ୍ତମାନ ମନୁଷ୍ୟଠାରୁ ଆରମ୍ଭ କରି ଜୀବଜନ୍ତୁ ବାୟୁ ପ୍ରଦୂଷଣର ବୃହତ୍ ଶିକାର ହେଉଛନ୍ତି । ଅନ୍ୟ ଏକ ଉଲ୍ଲେଖନୀୟ କଥା ଏହି ଯେ, ବାୟୁ ପ୍ରଦୂଷଣ ଅନ୍ୟାନ୍ୟ ପ୍ରମୁଖ ପ୍ରାକୃତିକ ଉପାଦାନ ଯଥା-ମୃତ୍ତିକା, ଜଳକୁ ମଧ୍ୟ ପ୍ରଦୂଷିତ କରୁଛି । ଏଣୁ ବାୟୁ ପ୍ରଦୂଷଣ ଯେ, କେବଳ ଏକକ ସମସ୍ୟା ତା ନୁହେଁ, ଏହା ଏକ ଯୌଗିକ ସମସ୍ୟା ରୂପେ ବିଶ୍ୱ ଜୈବବିଭିଦତା ସାମ୍ନାରେ ଆଜି ଦଣ୍ଡାୟମାନ ।**

ଅଧୁନା ବାୟୁ ପ୍ରଦୂଷଣ ସମସ୍ୟା ସଂପର୍କରେ ଊଣା ଅଧିକେ ଯଦିଓ ସମସ୍ତଙ୍କୁ ଜଣା; ପରନ୍ତୁ ଏହାର ନିରାକରଣ ନେଇ ସମସ୍ତେ ପ୍ରାୟ ନିଷ୍କ୍ରିୟ। ସେ ବ୍ୟକ୍ତି ହୁଅନ୍ତୁ,ସଂଗଠନ ଅଥବା ସରକାର ସବୁଠି କେବଳ ଏକ ପରଂପରା ପାଳନର ବନ୍ଧନୀ ମଧ୍ୟରେ ଏହାର ନିରାକରଣର ଦିଗଟି ଦିଗହରା ତଥା ପରିସୀମିତ। ଏଣୁ ସମସ୍ୟାର ବର୍ଣ୍ଣନା ଯେ, ସମସ୍ୟାର ସମାଧାନର ଉତ୍ସ ଏ କଥା କଦାପି ଗ୍ରହଣଯୋଗ୍ୟ ନୁହେଁ। ସମସ୍ୟାର ସମାଧାନ ଦିଗରେ ଏହାର ଅନୁଭବ ପୂର୍ବକ ପ୍ରତ୍ୟେକଙ୍କର ସକାରାତ୍ମକ ମନୋଭାବନା ତଥା ସଦିଚ୍ଛା ଏକ ଉତ୍ପ୍ରେରକ ହିସାବରେ କାର୍ଯ୍ୟ କରିପାରେ। ଯେ ପର୍ଯ୍ୟନ୍ତ ଆମେ ଏହାର ପରଂପରା ଭିତରେ ପରିସୀମିତ ହୋଇ ରହିବୁ,ସେ ପର୍ଯ୍ୟନ୍ତ ଏ ସମସ୍ୟା କେବଳ ଭାଷଣର ଭାଷା, ଖବରକାଗଜର ପୃଷ୍ଠା ମଣ୍ଡନ କରିବା ଛଡ଼ା ଅନ୍ୟ ଗତି ନାହିଁ।

## ପ୍ରମୁଖ ପ୍ରଦୂଷିତ ସହର

ପ୍ରଦୂଷଣର ମାତ୍ରା ଜାଣିବା ପାଇଁ ପ୍ରଦୂଷଣ ବୋର୍ଡର ଅନ୍ୟ ଏକ ସୂଚକ ହେଉଛି ପ୍ରଦୂଷଣ ଗୁଣବତ୍ତା ସୂଚକାଙ୍କ (AQI) । ଏହି ସୂଚକାଙ୍କ ଦିନର ବିଭିନ୍ନ ସମୟରେ ପରିବର୍ତ୍ତନ ହୋଇଥାଏ। ତଥାପି ଏହି ସୂଚକାଙ୍କ ଅନୁଯାୟୀ ଭାରତର ରାଜଧାନୀ ଦିଲ୍ଲୀ, ଜାତୀୟ ରାଜଧାନୀ ଅଞ୍ଚଳ ନୋଇଡା,ଗ୍ରେଟର ନୋଇଡା, ଗାଜିଆବାଦ, ଉତ୍ତରପ୍ରଦେଶର ହାପୁର, ମହାରାଷ୍ଟ୍ରର ମୁମ୍ବାଇ, ବିହାରର ପାଟଣା, ପଶ୍ଚିମବଙ୍ଗର କୋଲକାତା ଆଦି ପ୍ରମୁଖ ସହରରେ ବାୟୁ ଗୁଣବତ୍ତା ବିପଦ ସଂକେତର ଖୁବ୍ ଉପରେ ରହିଛି । ବିଭିନ୍ନ ସହରର ଭୌଗୋଳିକ ଅବସ୍ଥିତି ତଥା ମନୁଷ୍ୟକୃତ କାରକ ଏଥିପାଇଁ ମୁଖ୍ୟତଃ ଦାୟୀ। ବାୟୁ ଗୁଣବତ୍ତା ସୂଚକାଙ୍କ ଅନୁଯାୟୀ ୦-୫୦ ସୂଚକ ସାଧାରଣ ସ୍ଥିତିର ସୂଚନା ଦିଏ, ୫୧-୧୦୦ ସନ୍ତୋଷଜନକ, ୧୦୧-୨୦୦ ମଧ୍ୟମ, ୨୦୧-୩୦୦ ଖରାପ, ୩୦୧-୪୦୦ ଅତ୍ୟନ୍ତ ଖରାପ ସ୍ଥିତି, ୪୦୧-୫୦୦ ଅତ୍ୟନ୍ତ ଉଦ୍‌ବେଗ ସ୍ଥିତିର ସୂଚନା ପ୍ରଦାନ କରିଥାଏ।





## ରାଜଧାନୀରେ ବାୟୁ ପ୍ରଦୂଷଣ

ଆମ ରାଜଧାନୀ ଦିଲ୍ଲୀର ବାୟୁ ଗୁଣବତ୍ତା ଦିନ ୧୦ଟା ବେଳକୁ ଅଧିକାଂଶ ସମୟରେ ସର୍ବାଧିକ ସୂଚକାଙ୍କ ଅତିକ୍ରମ କରିବାର ଦୃଷ୍ଟାନ୍ତ କମ୍ ନୁହେଁ। ସଦ୍ୟ ତଥ୍ୟ ଅନୁସାରେ ଦିଲ୍ଲୀର ଘାଜିପୁର ଅଞ୍ଚଳର ବାୟୁମାନକ ସୂଚକାଙ୍କ ୪୪୧, ଆନନ୍ଦ ବିହାରରେ ୪୪୦, ବଓ୍ୱାନାରେ ୪୩୪ , କେନ୍ଦ୍ରୀୟ ଦିଲ୍ଲୀରେ ଏହା ୪୫୩ରେ ପହଞ୍ଚିଛି। ଏହାର ସାଙ୍ଘାତିକ ପ୍ରଭାବକୁ ଉପଲବ୍ଧି କରି ସରକାରଙ୍କ ତରଫରୁ ବିଭିନ୍ନ କଟକଣା ଲାଗୁ କରାଯାଇଛି। ଏଣୁ ଦିଲ୍ଲୀରେ ବସବାସ କରୁଥିବା ଅଧିବାସୀ ଏକ ବିଷାକ୍ତ ବଳୟ ମଧ୍ୟରେ ନିଜ ଜୀବନକୁ ପ୍ରଦୂଷଣ ରୂପକ ରାକ୍ଷସ ହାତରେ ଉପହାର ଦେଇଚାଲିଛନ୍ତି। ଏଠାକାର ବାୟୁମଣ୍ଡଳରେ କାର୍ବନ୍ ଡାଇକ୍ସାଇଡ୍, କାର୍ବନ୍ ମନୋଅକ୍ସାଇଡ୍, ସଲଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ ଅକ୍ସାଇଡ୍ ଭଳି ଅତ୍ୟନ୍ତ କ୍ଷତିକାରକ ସୂକ୍ଷ୍ମ ପ୍ରଦୂଷକର ଆକାର ୨.୫ ମାଇକ୍ରୋମିଟର ବା ତହିଁରୁ କମ୍ ଅଟେ; ଯାହା ସାଙ୍ଘାତିକ ଶ୍ୱାସ ଜନିତ ସମସ୍ୟା ସୃଷ୍ଟି କରିବା ସହିତ ସ୍ନାୟୁକୁ ଦୁର୍ବଳ କରି ମନୁଷ୍ୟକୁ ବିକଳାଙ୍ଗରେ ପରିଣତ କରିଦେଇ ପାରେ। ଏଥିପାଇଁ ମୁଖ୍ୟତଃ ଦାୟୀ ଏହାର କ୍ଷୁଦ୍ର ଓ ଲଘୁ ଉଦ୍ୟୋଗ, ଯାନବାହନ ଜନିତ ନିର୍ଗମନ, ଜନସଂଖ୍ୟାର ଉଚ୍ଚ ଘନତ୍ୱ । ଏହା ବ୍ୟତୀତ ପଡ଼ୋଶୀ ରାଜ୍ୟ ପଞ୍ଜାବ ଓ ହରିଆଣାର ଚାଷ ଅମଳ ପରେ ହଜାର ହଜାର ଏକର ଜମିରେ ରହିଯାଉଥିବା ନଡ଼ାକୁ ସାମଗ୍ରିକ ଭାବେ ନିଆଁ ଲଗାଇ ପରିଷ୍କାର କରିବାର ପଦ୍ଧତି ଦିଲ୍ଲୀର ପ୍ରଦୂଷଣକୁ ବହୁଗୁଣିତ କରୁଛି। ଅନ୍ୟ ଏକ ପ୍ରମୁଖ କାରଣ ହେଉଛି ଦିଲ୍ଲୀରେ ଅବୈଧ ନିର୍ମାଣକୁ ଭାଙ୍ଗିବା ଜନିତ ପ୍ରଦୂଷଣ। ଅଧିକାଂଶ ଉଦ୍ୟୋଗ ଗୁଡ଼ିକ ପ୍ରଦୂଷଣ ନିରାକରଣ ଓ ନିବାରଣ ଆଇନ (୧୯୮୧) ର ଖୋଲାଖୋଲି ଉଲଂଘନ କରୁଛନ୍ତି। ଏହାର ସଠିକ୍ ଯାଞ୍ଚ ନ ହେବା ଫଳରେ ସେମାନେ ତାଙ୍କର ସାମ୍ରାଜ୍ୟ ବଢ଼ାଇ ଚାଲିଛନ୍ତି।

ଅନୁରୂପ ବାୟୁ ପ୍ରଦୂଷଣ ସମସ୍ୟା ଜାତୀୟ ରାଜଧାନୀ ଅଞ୍ଚଳ (NCR)ରେ ମଧ୍ୟ ପରିଲକ୍ଷିତ ହୁଏ। ଗୁରୁଗ୍ରାମ, ନୋଇଡ଼ା, ଗାଜିଆବାଦର ପ୍ରମୁଖ ପ୍ରଦୂଷଣର କାରକ ହେଉଛି ଏଠାରେ ଗଢ଼ି ଉଠିଥିବା ଅସଂଖ୍ୟ କ୍ଷୁଦ୍ର ଶିଳ୍ପୋଦ୍ୟୋଗ। ଯାନବାହନ ଜନିତ ନିର୍ଗମନ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ।






## ମୁମ୍ବାଇରେ ବାୟୁ ପ୍ରଦୂଷଣ ଚିନ୍ତାଜନକ

ଆମର ଅର୍ଥନୈତିକ ରାଜଧାନୀ ରୂପରେ ପରିଗଣିତ ମହାରାଷ୍ଟ୍ରର ମୁମ୍ବାଇ ସହରର ବାୟୁ ଗୁଣବତ୍ତା ମଧ୍ୟ ଚିନ୍ତାଜନକ। ଅଧିକାଂଶ ସମୟରେ ଟ୍ରାଫିକର ଭିଡ଼ ଯାନବାହାନ ଜନିତ ନିର୍ଗମନର ହାରକୁ ବଢ଼ାଇ ଦେଇଥାଏ। ସଠିକ୍ ଭାବରେ ଆବର୍ଜନା ପରିଚାଳନାର ଅଭାବ ସେଠାକାର ବାୟୁ ପ୍ରଦୂଷଣର ଅନ୍ୟ ଏକ କାରଣ। ଅସଂଖ୍ୟ ଭାବେ ଗଢ଼ି ଉଠିଥିବା ଶିଳ୍ପ ଅନୁଷ୍ଠାନର ନିର୍ଗତ ପ୍ରଦୂଷକ ଏହି ଅର୍ଥନୈତିକ ସହରକୁ ଅର୍ଥହୀନ କରି ପକାଉଛି। ଏଠାରେ ବାୟୁ ଗୁଣବତ୍ତା ସୂଚକାଙ୍କ ସର୍ବଦା ୪୦୦ ପାଖାପାଖି ରହୁଛି। ଯାହା ବିପଦ ସ୍ତରରୁ ଖୁବ୍ ଅଧିକ। ସହରକୁ ସୁନ୍ଦର କରିବାକୁ ଯାଇ ବ୍ୟାପକ ବୃକ୍ଷ ଛେଦନ ବାୟୁର ଗୁଣବତ୍ତାକୁ ନିରନ୍ତର ବିଗାଡ଼ି ଚାଲିଛି।

## ପ୍ରଦୂଷିତ କୋଲକାତା

କୋଲକାତା ସହର ମଧ୍ୟ ପ୍ରଦୂଷଣର ପ୍ରତିଯୋଗିତାରେ କୌଣସି ଗୁଣରେ ପଛୁଆ ନୁହେଁ। ଏଠାକାର ପ୍ରଦୂଷଣର ସବୁଠାରୁ ବଡ଼ କାରଣ ହେଉଛି ଆବର୍ଜନା ପରିଚାଳନାରେ ବିଫଳତା। ଆବର୍ଜନାର ସଠିକ୍ ପରିଚାଳନା ଅଭାବରେ ପ୍ରଦୂଷଣ ପରିମାଣ ବହୁଳ ପରିମାଣରେ ବୃଦ୍ଧି ପାଇ ଚାଲିଛି । ଏଥିସହିତ ଯାନବାହାନ ଜନିତ ପ୍ରଦୂଷଣ, ଶିଳ୍ପସଂସ୍ଥାରୁ ନିର୍ଗତ ପ୍ରଦୂଷକ ଏହାର ଗୁଣବତ୍ତା ସୂଚକାଙ୍କକୁ ବିପଦପୂର୍ଣ୍ଣ ସ୍ତରରେ ପହଞ୍ଚାଇଲାଣି। ସଦ୍ୟ ତଥ୍ୟ ଅନୁସାରେ ଏଠାକାର ଗୁଣବତ୍ତା ସୂଚକାଙ୍କ ୪୪୮ ଛୁଇଁଛି; ଯାହା ଅନ୍ୟ ପ୍ରଦୂଷିତ ସହର ପରି ଏକ ବିପଦ ସଙ୍କୁଳ ପରିବେଶ ସୃଷ୍ଟି କରିଚାଲିଛି।

ନୂତନ ଭାବେ ଉତ୍ତରପ୍ରଦେଶର ହାପୁର ଏହି କ୍ରମରେ ଆଗକୁ ଆଗକୁ ଅଗ୍ରଗତି କରିଚାଲିଛି। ବିଶେଷ କରି ଏହି ଅଞ୍ଚଳର ଭୌଗଳିକ ଅବସ୍ଥିତି ପାଇଁ ସେଠାରେ ନିମ୍ନ ବାୟୁ ପ୍ରବାହ, ବିସ୍ତୀର୍ଣ୍ଣ ଅଞ୍ଚଳର ଚାଷ ଜମିର ନଡ଼ାକୁ ଜାଳିବା, ଶିଳ୍ପରୁ ନିର୍ଗତ ପ୍ରଦୂଷକ ଆଦି ପ୍ରଦୂଷଣର ମୁଖ୍ୟ କାରକ ସାଜିଛନ୍ତି। ଏଠାରେ ମଧ୍ୟ ପ୍ରଦୂଷଣର ସୂଚକାଙ୍କ ୩୫୦-୪୦୦ ମଧ୍ୟରେ ପହଞ୍ଚି ସର୍ବକାଳୀନ ରେକର୍ଡ ଭାଙ୍ଗି ସାରିଛି।


ସେହିପରି ବିଶ୍ଳେଷଣ କଲେ ଭାରତବର୍ଷର ଅଧିକାଂଶ ସହର ଆଜି ବାୟୁ ପ୍ରଦୂଷଣର ଅନ୍ଧାରି ଭବିଷ୍ୟତ ଆଡ଼କୁ ଠେଲି ହୋଇଯାଉଛି। ଯାହାର ଫଳ ସ୍ୱରୂପ ସ୍ୱାସ୍ଥ୍ୟ ପରି ଅମୂଲ୍ୟ ସମ୍ପଦ ଧୀରେ ଧୀରେ ଅବକ୍ଷୟ ହୋଇଚାଲିଛି; ଯାହା ଆମ ପ୍ରଗତିକୁ ଦିବା ସ୍ୱପ୍ନରେ ପରିଣତ କରିବ। ଗୋଟିଏ ଦେଶର ଅର୍ଥନୀତି ଏହାର ସୁସ୍ଥ ପରିବେଶ ଉପରେ ଯେ ନିର୍ଭରଶୀଳ, ଏହାକୁ କଦାପି ଅସ୍ୱୀକାର କରାଯାଇ ନ ପାରେ। ଆଜି ଆମର ଅଧିକାଂଶ ସ୍ୱାସ୍ଥ୍ୟ ସମସ୍ୟା ପାଇଁ ବାୟୁ ପ୍ରଦୂଷଣ ଏକ ପ୍ରମୁଖ କାରଣ ସାଜିଛି, ଏହାର ବାସ୍ତବତାକୁ ବୁଝି ସଦିଚ୍ଛା ତଥା ସଚେତନତା ମାଧ୍ୟମରେ ଏକ ମନୋଭାବ ହୋଇ ଏହା ବିରୁଦ୍ଧରେ ଏକ ଅଭିଯାନ ଆରମ୍ଭ କରିବାର ଘଡ଼ିସନ୍ଧି ମୁହୂର୍ତ୍ତ ଆମ ନିକଟରେ ଉପସ୍ଥିତ। ■

ଆରୁହାବୃତ୍ତି ୧, ଭୋଗରାଇ,
ବାଲେଶ୍ୱର
ମୋ-୮୧୧୪୩୪୫୯୮୮











# ବିଶ୍ୱର ପ୍ରମୁଖ ପ୍ରଦୂଷିତ ସହର

## ସବା ଆଗରେ ଦିଲ୍ଲୀ

ଆଇକ୍ୟୁଏୟାର୍‌ର ରିୟଲ୍ ରିପୋର୍ଟ ଅନୁସାରେ, ବିଶ୍ୱର ୧୦ ସବୁଠୁ ପ୍ରଦୂଷିତ ସହରରେ ଦକ୍ଷିଣ ଏସିଆ ଏବଂ ମଧ୍ୟପ୍ରାଚ୍ୟର ସହରଗୁଡ଼ିକ ସାମିଲ ଅଛି । ସେହିପରି ଦିଲ୍ଲୀ ବ୍ୟତୀତ ମୁମ୍ବାଇ ଏହି ତାଲିକାର ପଞ୍ଚମ ସ୍ଥାନରେ ଅଛି । କୋଲକାତା ଅଷ୍ଟମ ସ୍ଥାନରେ ଥିବା ବେଳେ ପାକିସ୍ତାନର ଲାହୋର ଏବଂ କରାଚି ଶୀର୍ଷ ପଞ୍ଚମ ସ୍ଥାନରେ ସାମିଲ ଅଛନ୍ତି । ଭାରତୀୟ ସହରରେ ପ୍ରଦୂଷଣର ଏହି ତଥ୍ୟ ଦୀପାବଳିର ଦିନକ ପରେ ଆସିଥାଏ । ସେହିପରି ଦୀପାବଳିରେ ବାଣ ଫୁଟାଇବା ପରେ ପ୍ରତିବର୍ଷ ବାୟୁର ଗୁଣବତ୍ତା ନିମ୍ନମାନର ହୋଇଥାଏ । ଅନ୍ୟପଟେ ସୁପ୍ରିମ୍ କୋର୍ଟ ଦିଲ୍ଲୀ ଏନ୍‌ସିଆର୍‌ରେ ଗ୍ରୀନ୍ ବାଣ ବିକ୍ରି ଓ ଫୁଟାଇବାକୁ ଅନୁମତି ପ୍ରଦାନ କରିଥିଲେ । ହେଲେ ଲୋକମାନେ ଅକ୍ଟୋବର ୧୮ ରୁ ୨୧ ତାରିଖ ପର୍ଯ୍ୟନ୍ତ ଏହାର ବ୍ୟବହାର ଓ ସମୟର ନିୟମ ପାଳନ କଲେ ନାହିଁ । ସୁପ୍ରିମ୍ କୋର୍ଟ ଅନୁସାରେ, ଦିଲ୍ଲୀ ସମେତ ଏନ୍‌ସିଆର୍ ଅଞ୍ଚଳରେ ବାଣ କେବଳ ସନ୍ଧ୍ୟା ୬ରୁ ୭ଟା ପର୍ଯ୍ୟନ୍ତ ଫୁଟାଇବାର ଅନୁମତି ଥିଲା । ଯାହାକୁ ଲୋକମାନେ ପାଳନ କଲେ ନାହିଁ । ମନ ଇଚ୍ଛା ବାଣ ଫୁଟାଇଲେ । ଫଳରେ ଦିଲ୍ଲୀ ଏବଂ ଏନ୍‌ସିଆର୍‌ର ଅଞ୍ଚଳର ବାୟୁ ପ୍ରଦୂଷିତ ହେଲା ।

## ପ୍ରଦୂଷିତ ସହର ସୂଚୀରେ ଉତ୍ତର ପ୍ରଦେଶର ୬ଟି ସହର

ସେହିପରି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ର ୨୪ ଘଣ୍ଟାର ଡାଟା ସଂକଳନ (ନଭେମ୍ବର ୨୪ ସନ୍ଧ୍ୟା ୪ଟା ସୁଦ୍ଧା) ଅନୁସାରେ, ଉତ୍ତର ଭାରତରେ ବାୟୁଗୁଣବତ୍ତା ସଙ୍କଟ ଗମ୍ଭୀର ସ୍ଥିତିରେ ରହିଛି । ରିପୋର୍ଟ ଅନୁସାରେ, ଦେଶର ୧୦ ସବୁଠୁ ପ୍ରଦୂଷିତ ସହରର ତାଲିକାରେ ଉତ୍ତର ପ୍ରଦେଶର ୬ଟି ସହର ସାମିଲ ଅଛି । ଉତ୍ତର ପ୍ରଦେଶର ହାପୁଡ଼ରେ ୪୧୬ ଏକ୍ୟୁଆଇ ରେକର୍ଡ କରାଯାଇଛି । ଯାହାକି ସବୁଠୁ ଖରାପ ବୋଲି କୁହାଯାଇଛି । ଏହାବାଦ୍ ଦିଲ୍ଲୀ ଏନ୍‌ସିଟିର ଏକ୍ୟୁଆଇ ୩୮୨ ରେକର୍ଡ କରାଯାଇଛି । ଏଥିରେ ପିଏମ୍ ୨.୫ ମୁଖ୍ୟ ପ୍ରଦୂଷକ ରହିଛି । ସେହିପରି ଏନ୍‌ସିଆର୍ ଏବଂ ଏହାର ଆଖପାଖ ଅଞ୍ଚଳର ନୋଏଡ଼ା (୩୯୭), ଗାଜିୟାବାଦ (୩୯୬), ଗ୍ରେଟର୍ ନୋଏଡା (୩୮୨), ଚରଖଇ ଦାଦରି(୩୬୬), ବୁଲନ୍ଦସହର (୩୫୬), ମେରଠ (୩୫୦), ମାନେସର (୩୪୨) ଏବଂ ବାଗପତ (୩୩୦) ସାମିଲ ଅଛି ।

## ଦେଶର ସବୁଠୁ ସ୍ୱଚ୍ଛ ସହର

ଦେଶର ଦକ୍ଷିଣ ଏବଂ ଉତ୍ତର-ପୂର୍ବ ଭାଗରେ ବାୟୁର ଗୁଣବତ୍ତା ବହୁତ ଭଲ । ଯାହାକି ଏକ ସୁସ୍ଥ ବାତାବରଣ ସୃଷ୍ଟି କରିଛି । ତାମିଲନାଡୁର ଅରିୟାଲୁରରେ ଏକ୍ୟୁଆଇ ମାତ୍ର ୧୩ ରେକର୍ଡ କରାଯାଇଛି । ଯାହାକି ଦେଶରେ ସବୁଠୁ ଭଲ ଶ୍ରେଣୀରେ ସାମିଲ ଅଛି । ଏହା ପରେ ଉଟି (୧୫), କରୁର (୧୬), ତିରିଚିଲାପଲ୍ଲୀ (୧୬) ସବୁଠୁ ସ୍ୱଚ୍ଛ ସହରରେ ଭାବେ ସାମିଲ ଅଛି । ସେହିପରି ତାମିଲନାଡୁ ବିଶୁଦ୍ଧ ତଥା ସ୍ୱଚ୍ଛ ବାୟୁ ମାମଲାରେ ଏହା ଅଷ୍ଟମ ସ୍ଥାନରେ ଅଛି । ତଞ୍ଜାବୁର ଏବଂ ମେଘାଳୟର ଏକ୍ୟୁଆଇ ୧୭ କେରର୍ଡ କରାଯାଇଛି । କର୍ଣ୍ଣାଟକର ମାଙ୍ଗାଲୋର (୨୫) ଏବଂ ଦାବଣଗେରେ (୨୬), ତାମିଲନାଡୁର ପେରୁନଦୁରଇ (୨୧), ତିରୁପୁର (୨୨) ଏବଂ ସଲେମ (୨୨) ମଧ୍ୟ ଏହି ତାଲିକାରେ ସ୍ଥାନ ପାଇଛି ।


**ବାୟୁ ପ୍ରଦୂଷଣ ଏବେ ଭାରତରେ ଏକ ଉତ୍କଟ ସମସ୍ୟା ପାଲଟିଛି । ବିଶେଷକରି ଦୀପାବଳି ପରଠାରୁ ଦିଲ୍ଲୀରେ ପ୍ରଦୂଷଣ ମାତ୍ରା ବହୁତ ବଢ଼ିଯାଇଛି । ବାଣ ଫୁଟାଇବା ଯୋଗୁଁ ଦିଲ୍ଲୀର ବିଭିନ୍ନ ସ୍ଥାନରେ ଏୟାର୍ କ୍ୱାଲିଟି ଇଣ୍ଡେକ୍ସ ୫୦୦କୁ ଟପିଛି । ସେହିପରି ଆଇକ୍ୟୁଏୟାରର ଲାଇଭ୍ ର୍ୟାଙ୍କିଂ ଅନୁସାରେ, ବିଶ୍ୱର ସବୁଠୁ ପ୍ରଦୂଷିତ ସହର ତାଲିକାରେ ଭାରତର ରାଜଧାନୀ ଦିଲ୍ଲୀ ପ୍ରଥମ ସ୍ଥାନରେ ଅଛି । ଯାହାର ବାୟୁ ଏବେ ସବୁଠୁ ବିଷାକ୍ତ ପାଲଟିଛି । ତେବେ ଆଇକ୍ୟୁଏୟାର୍ କ'ଣ ଓ କେଉଁ ସହର ପ୍ରଦୂଷଣର କେତେ ସ୍ଥାନରେ ରହିଛି, ତାହାକୁ ନେଇ ଏହି ଉପସ୍ଥାପନା ।**

## ଆଇକ୍ୟୁଏୟାର୍ କ'ଣ

ଆଇକ୍ୟୁଏୟାର୍ ହେଉଛି ସ୍ୱିଜରଲ୍ୟାଣ୍ଡର ବିଶ୍ୱ ବାୟୁ-ଗୁଣବତ୍ତା ମାପିବାର ଏକ ସଂସ୍ଥା । ସରଳ ଭାଷାରେ କହିଲେ, ଏହା ବାୟୁ ପ୍ରଦୂଷଣ ବାବଦରେ ସୂଚନା ପ୍ରଦାନ କରେ । ଏହି ସଂସ୍ଥା ପିଏମ୍ ୨.୫, ପିଏମ୍ ୧୦, ଓଜୋନ ଏବଂ ଅନ୍ୟ ବିପଦଜନକ ପ୍ରଦୂଷଣ ଆଧାରରେ ସହରର ବାୟୁ ଗୁଣବତ୍ତାକୁ ମାପିଥାଏ । ଏହାର ରିପୋର୍ଟ ପୂରା ବିଶ୍ୱରେ ଗ୍ରହଣଯୋଗ୍ୟ । ବାୟୁ ପ୍ରଦୂଷଣ ଅଧ୍ୟୟନ, ଚେତାବନୀ ଏବଂ ନୀତି ନିର୍ମାଣରେ ଆଇକ୍ୟୁଏୟାର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ।

### ବିଶ୍ୱର ୧୦ ସବୁଠୁ ପ୍ରଦୂଷିତ ସହର

| ସହର | ଏକ୍ୟୁଆଇ |
|---|---|
| ଦିଲ୍ଲୀ | ୫୦୬ |
| ତାସକେଣ୍ଟ | ୨୫୧ |
| ଲାହୋର | ୨୧୫ |
| ଢାକା | ୨୧୧ |
| କୋଲକାତା | ୨୧୧ |
| ଦୁବାଇ | ୧୮୬ |
| କରାଚି | ୧୮୩ |
| ସାରାଜେବୋ | ୧୭୦ |
| ମୁମ୍ବାଇ | ୧୬୦ |
| କାହିରା | ୧୫୮ |




## ସଚେତନ ରହିବାକୁ ପରାମର୍ଶ

ବିଶେଷଜ୍ଞମାନେ ଏହି ବିପଦଜନକସ୍ତରକୁ ଦେଖି ଲୋକଙ୍କୁ ସତର୍କ ଓ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି । ଦିଲ୍ଲୀରେ ଲଗାତାର ପ୍ରଦୂଷଣ ବଢୁଥିବା ବେଳେ ଏହାର ପ୍ରଭାବ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପଡ଼ିବ । ତେବେ ବାୟୁ ପ୍ରଦୂଷଣ ଯୋଗୁଁ ହସ୍‌ପିଟାଲ୍‌ରେ ଶ୍ୱାସରୋଗୀଙ୍କ ସଂଖ୍ୟା ବଢୁଛି । ବିଶେଷଜ୍ଞଙ୍କ କହିବା କଥା, ଏକ୍ୟୁଆଇ ୫୦୦ ପାର୍ ହୋଇ ଦୀର୍ଘ ଦିନ ରହିଲେ ଆଜ୍‌ମା, ବ୍ରୋକାଇଟିସ୍, ଫୁସ୍‌ଫୁସ୍ ସଂକ୍ରମଣ ତଥା ହୃଦ୍‌ରୋଗ ଆଶଙ୍କା ବୃଦ୍ଧି ପାଏ । ଏଭଳି ସ୍ଥଳରେ ଘରୁ ଲୋକେ ବାହାରିଲେ ମାସ୍କ ବ୍ୟବହାର କରିବା ଉଚିତ । ଏୟାର୍ ପ୍ୟୁରିଫାୟର ବ୍ୟବହାର କରିବା ଉପରେ ଗୁରୁତ୍ୱ ଦେବା ଭଲ । କେବଳ ସେତିକି ନୁହେଁ, ଦିଲ୍ଲୀରେ ବଢୁଥିବା ପ୍ରଦୂଷଣ ଦିଲ୍ଲୀବାସୀଙ୍କ ପାଇଁ ମୁଖ୍ୟ ସମସ୍ୟା ପାଲଟିଛି । ଦିଲ୍ଲୀରେ ଯାନବାହନ ସଂଖ୍ୟା ଅଧିକ । ତେଣୁ ଏଠାରେ ପ୍ରଦୂଷଣ ଅଧିକ ବୋଲି କୁହାଯାଉଛି । ପ୍ରଦୂଷଣ ହ୍ରାସ କରିବା ପାଇଁ ଲୋକମାନେ ଯଥାସମ୍ଭବ ସାର୍ବଜନୀନ ପରିବହନ ବ୍ୟବହାର କରିବା ଉଚିତ । ■



ଡକ୍ଟର ଦିନେଶ କୁମାର ନାୟକ



ଶୀତ ଋତୁ ଆରମ୍ଭ ହେଲେ ଦିଲ୍ଲୀ ସହର ବାୟୁ ପ୍ରଦୂଷଣରେ ଢାଙ୍କି ହୋଇଯାଏ । ବାୟୁ ପ୍ରଦୂଷଣ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇଥାଏ । ଲୋକେ ଆସ୍ଥମାଠାରୁ ଆରମ୍ଭ କରି ହୃଦ୍‌ରୋଗ ପର୍ଯ୍ୟନ୍ତ ବିଭିନ୍ନ ରୋଗର ଶିକାର ହୋଇଥାନ୍ତି । ଏପରିକି ଅର୍ଥନୀତି ଉପରେ ଏହା ଗୁରୁତର ପ୍ରଭାବ ପକାଏ । ବାୟୁ ପ୍ରଦୂଷଣ କେବଳ ଏକ ସାର୍ବଜନୀନ ସ୍ୱାସ୍ଥ୍ୟ ଜରୁରିକାଳୀନ ପରିସ୍ଥିତି ନୁହେଁ; ଏହା ଭାରତର ଅଭିବୃଦ୍ଧିକୁ ବିଭିନ୍ନ ରୂପରେ ପ୍ରଭାବିତ କରିବାର କ୍ଷମତା ରଖେ । ଏହା ଏକ ନୀରବ କର ଭଳି ଅଟେ । ଉତ୍ପାଦକତାକୁ କ୍ଷୟ କରିବା, ସ୍ୱାସ୍ଥ୍ୟସେବା ଖର୍ଚ୍ଚକୁ ବୃଦ୍ଧି କରିବା, ନିବେଶକୁ ନିରୁତ୍ସାହିତ କରିବା ଏବଂ ଦେଶର ଦୀର୍ଘକାଳୀନ ମାନବ ପୁଞ୍ଜିକୁ ଦୁର୍ବଳ କରି ଦେଇଥାଏ । ଭାରତୀୟ ଅର୍ଥନୀତି ଉପରେ ବାୟୁ ପ୍ରଦୂଷଣର ଆର୍ଥିକ ପ୍ରଭାବ ବ୍ୟାପକ ଏବଂ ବହୁମୁଖୀ, ଯାହା ଅର୍ଥନୀତିର ପ୍ରାୟ ପ୍ରତ୍ୟେକ କ୍ଷେତ୍ରକୁ ପ୍ରଭାବିତ କରେ ।



# ପ୍ରଦୂଷଣ ଯୋଗୁଁ ଅର୍ଥନୀତି ଉପରେ ପ୍ରଭାବ

ବିଶ୍ୱସ୍ତରରେ ବାୟୁ ପ୍ରଦୂଷଣ ଏକ ନୀରବ ଘାତକ । ଭାରତରେ ବାୟୁ ପ୍ରଦୂଷଣସ୍ତର ବିଶ୍ୱରେ ସର୍ବାଧିକ, ଯାହା ଦେଶର ସ୍ୱାସ୍ଥ୍ୟ ଏବଂ ଅର୍ଥନୀତି ପାଇଁ ଏକ ବଡ଼ ବିପଦ ସୃଷ୍ଟି କରେ । ଭାରତର ସମସ୍ତ ୧.୪ ବିଲିୟନ ଲୋକ ବିଭିନ୍ନ ଉତ୍ସରୁ ନିର୍ଗତ ହେଉଥିବା ପରିବେଶୀୟ ପି.ଏମ୍. ୨.୫ - ସବୁଠାରୁ କ୍ଷତିକାରକ ପ୍ରଦୂଷକର ଅସ୍ୱାସ୍ଥ୍ୟକର ସ୍ତରର ସମ୍ମୁଖୀନ ହେଉଛନ୍ତି । ବିଶ୍ୱ ବ୍ୟାଙ୍କର ଏକ ଅଧ୍ୟୟନରୁ ଜଣାପଡ଼େ ଯେ, ୨.୫ ମାଇକ୍ରୋନରୁ କମ୍ ବ୍ୟାସ ବିଶିଷ୍ଟ ଏହି (ପିଏମ୍ ୨.୫) କ୍ଷୁଦ୍ର କଣିକାଗୁଡ଼ିକ ମଣିଷ କେଶର ପ୍ରସ୍ଥର ପ୍ରାୟ ଏକ-ତ୍ରିଶାଂଶ । ପିଏମ୍ ୨.୫ ସଂସ୍ପର୍ଶରେ ଆସିବା ଦ୍ୱାରା ଫୁସ୍‌ଫୁସ୍ କର୍କଟ, ଷ୍ଟ୍ରୋକ୍ ଏବଂ ହୃଦ୍‌ରୋଗ ଭଳି ମାରାତ୍ମକ ରୋଗ ହେବାର ସମ୍ଭାବନା ରହିଛି । ୨୦୧୯ ମସିହାରେ ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ୧.୬୭ ନିୟୁତ ମୃତ୍ୟୁ ହୋଇଥିଲା, ଯାହା ଦେଶର ମୋଟ ମୃତ୍ୟୁର ୧୭.୮% ଥିଲା । ପ୍ରଦୂଷଣର ସ୍ୱାସ୍ଥ୍ୟ ପ୍ରଭାବ ମଧ୍ୟ ଅର୍ଥନୀତି ପାଇଁ ଏକ ଭାରି କ୍ଷତିର ପ୍ରତିନିଧିତ୍ୱ କରେ ।

## ଶ୍ରମ ଉତ୍ପାଦକତା ହ୍ରାସ

ବାୟୁ ପ୍ରଦୂଷଣଜନିତ ଆର୍ଥିକ ପ୍ରଭାବ ଉପରେ ଏକ ଅଧ୍ୟୟନ (୨୦୧୯) - ୟୁରୋପ ଆକଳନରୁ ପ୍ରମାଣ ଦର୍ଶାଉଛି ଯେ, ପିଏମ୍ ୨.୫ ସାନ୍ଦ୍ରତାରେ ପ୍ରତି ଘନ ମିଟରରେ ଗୋଟିଏ ମାଇକ୍ରୋଗ୍ରାମ ବୃଦ୍ଧି (କିମ୍ବା ନମୁନା ହାରାହାରି ୧୦% ବୃଦ୍ଧି) ସେହି ବର୍ଷ ପ୍ରକୃତ ଜି.ଡି.ପି.ରେ ୦.୮ % ହ୍ରାସ ଘଟାଇଥାଏ । ଏହି ପ୍ରଭାବର ୯୫% ପ୍ରତି କର୍ମଚାରୀଙ୍କ ଉତ୍ପାଦନ ହ୍ରାସ ଯୋଗୁଁ ହୋଇଥାଏ, ଯାହା କାର୍ଯ୍ୟସ୍ଥଳରେ ଅଧିକ ଅନୁପସ୍ଥିତି କିମ୍ବା ଶ୍ରମ ଉତ୍ପାଦକତା ହ୍ରାସ ହୋଇଥାଏ ।

ଦିଲ୍ଲୀ ଏବଂ ଭାରତରେ ଏହି ପ୍ରଭାବ ୟୁରୋପ ପରି ଏକ ବିକଶିତ ରାଷ୍ଟ୍ରସମୂହ ତୁଳନାରେ ବହୁତ ଅଧିକ ହୋଇପାରେ । ନିର୍ମାଣ ଶ୍ରମିକଙ୍କଠାରୁ ଆରମ୍ଭ କରି କର୍ପୋରେଟ୍ କର୍ମଚାରୀ ପର୍ଯ୍ୟନ୍ତ ଦିଲ୍ଲୀର କର୍ମଶକ୍ତି ଏପରି ପରିସ୍ଥିତିରେ କାର୍ଯ୍ୟ କରିବାକୁ ବାଧ୍ୟ ହୁଏ, ଯେଉଁଠାରେ ନିଶ୍ୱାସ ନେବା ଏକ ଚ୍ୟାଲେଞ୍ଜ ହୋଇଯାଏ । ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ, ଉଚ୍ଚସ୍ତରର କଣିକା ପଦାର୍ଥର ସଂସ୍ପର୍ଶ ଜ୍ଞାନାତ୍ମକ କାର୍ଯ୍ୟକ୍ଷମତା ହ୍ରାସ, ଥକ୍କାପଣ ବୃଦ୍ଧି, କାର୍ଯ୍ୟାଳୟରେ ଅଧିକ ଅନୁପସ୍ଥିତି ସୃଷ୍ଟି କରେ । ଯେଉଁଦିନ ବାୟୁ ଗୁଣବତ୍ତା ସୂଚକାଙ୍କ

'ଗମ୍ଭୀର' ବର୍ଗକୁ ପାର ହୁଏ, ସେହିଦିନ ଅନେକ ଶ୍ରମିକ ଡ୍ୟୁଟିରେ ରିପୋର୍ଟ କରି ପାରନ୍ତି ନାହିଁ । ଦୈନିକ ମଜୁରିଆଙ୍କ ପାଇଁ ଏହା ସିଧାସଳଖ ଆୟ କ୍ଷତିରେ ପରିଣତ ହୁଏ । କମ୍ପାନୀଗୁଡ଼ିକ ପାଇଁ ଏହାର ଅର୍ଥ ହେଉଛି ଉତ୍ପାଦନ ହ୍ରାସ ଏବଂ ସମୟସୀମା ହରାଇବା । ଶିଳ୍ପଗୁଡ଼ିକ ମଧ୍ୟରେ ସଂଗୃହୀତ ପ୍ରଭାବ ଆଶ୍ଚର୍ଯ୍ୟଜନକ, ବିଭିନ୍ନ ଆକଳନ ଅନୁଯାୟୀ ପ୍ରଦୂଷଣ-ସମ୍ବନ୍ଧୀୟ ଉତ୍ପାଦକତା ହ୍ରାସ ଓ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ବୃଦ୍ଧି ଯୋଗୁଁ ଭାରତ ବାର୍ଷିକ ଏହାର ଜି.ଡି.ପିର ୧-୩ % ମଧ୍ୟରେ କ୍ଷତି କରେ ।



## ସ୍ୱାସ୍ଥ୍ୟ ଉପରେ ପ୍ରଦୂଷଣର ପ୍ରଭାବ

ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଏହି ଆର୍ଥିକ ବୋଝର ଦ୍ୱିତୀୟ ସ୍ତମ୍ଭ । ବିଶ୍ୱ ବ୍ୟାଙ୍କର ଏକ ଅଧ୍ୟୟନରୁ ଆକଳନ କରାଯାଇଥିଲା ଯେ, ବାୟୁ ପ୍ରଦୂଷଣ ଯୋଗୁଁ ଅକାଳ ମୃତ୍ୟୁ ଏବଂ ଅସୁସ୍ଥତା ଯୋଗୁଁ ଉତ୍ପାଦନ ହ୍ରାସ ୨୦୧୯ ମସିହାରେ ଭାରତରେ ଯଥାକ୍ରମେ ୨୮.୮ ବିଲିୟନ ଆମେରିକୀୟ ଡଲାର ଏବଂ ୮ ବିଲିୟନ ଡଲାରର ଆର୍ଥିକ କ୍ଷତି କରିଥିଲା । ଏହି ମୋଟ କ୍ଷତି ୩୬.୮ ବିଲିୟନ ଡଲାର, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୧. ୩୬% ଥିଲା । କାଉନସିଲ ଫର୍ ଇଣ୍ଟରନ୍ୟାସନାଲ୍ ଇକୋନୋମିକ୍ସ ଆଣ୍ଡରଷ୍ଟାଣ୍ଡିଙ୍ଗର ଏରୋନୋମିକ୍ସ ୨୦୨୫ ରିପୋର୍ଟ ଅନୁଯାୟୀ, ଉଲ୍ଲେଖ କରା ହୋଇଛି ଯେ, ଡାଲବର୍ଗ ଆଡଭାଇଜର୍ସ ଆକଳନ କରିଛନ୍ତି - ବାୟୁ ପ୍ରଦୂଷଣ ସମ୍ବନ୍ଧୀୟ କାରଣରୁ ବ୍ୟବସାୟଗୁଡ଼ିକ ବାର୍ଷିକ ପ୍ରାୟ ୯୫ ବିଲିୟନ ଆମେରିକୀୟ ଡଲାର - ଭାରତର ଜି.ଡି.ପି.ର ପ୍ରାୟ ୩% ହରାଇଥାନ୍ତି ।

ସେହିପରି, ୨୦୨୫ ମସିହାରେ AIMS ପବ୍ଲିକ୍ ହେଲ୍‌ଥରେ ପ୍ରକାଶିତ ଅନ୍ୟ ଏକ ଅଧ୍ୟୟନ ଅନୁଯାୟୀ, ଘରୋଇ ଏବଂ ପରିବେଶଗତ ବାୟୁ ପ୍ରଦୂଷଣ, ମୃତ୍ୟୁହାର, ଜନସଂଖ୍ୟା ଏବଂ ଜିଡିପି ସମ୍ପର୍କିତ ତଥ୍ୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ, ବିଶ୍ୱ ସ୍ୱାସ୍ଥ୍ୟ ପର୍ଯ୍ୟବେକ୍ଷଣାଳୟ, ୨୦୧୯ ବିଶ୍ୱ ରୋଗ ଭାର ଅଧ୍ୟୟନ ଏବଂ ବିଶ୍ୱ ବିକାଶ ସୂଚକରୁ ସଂଗ୍ରହ କରାଯାଇଥିଲା । ୨୦୧୯ ମସିହାରେ ଭାରତରେ ବାୟୁ ପ୍ରଦୂଷଣ ଯୋଗୁଁ ଅକାଳ ମୃତ୍ୟୁର ଆର୍ଥିକ କ୍ଷତି ମୂଲ୍ୟାଙ୍କନ କରାଯାଇଥିଲା । ସେମାନଙ୍କର ଫଳାଫଳ ୨୦୧୯ ମସିହାରେ ଦର୍ଶାଏ ଯେ, ପ୍ରତି ମୁଣ୍ଡପିଛା କ୍ଷତି ୨୦,୮୬୮ ଆମେରିକୀୟ ଡଲାର ଥିଲା, ଏବଂ ପରିବେଶ ପ୍ରଦୂଷଣ ହେଉଛି ବାୟୁ ପ୍ରଦୂଷଣ ଯୋଗୁଁ ମୋଟ ଅକାଳ ମୃତ୍ୟୁର ପ୍ରମୁଖ କାରଣ, ଯାହା ଭାରତରେ ୫୮% ଥିଲା ।

ଦିଲ୍ଲୀର ଡାକ୍ତରଖାନାଗୁଡ଼ିକର ରିପୋର୍ଟ ଅନୁଯାୟୀ, ଧୂଆଁ ଯୋଗୁଁ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା, ଆଜ୍ମା ଏବଂ ହୃଦ୍‌ରୋଗର ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଉଛି । ଚିକିତ୍ସା, ଔଷଧ ଏବଂ ହସ୍ପିଟାଲ ପରିଦର୍ଶନରେ ଲୋକେ ଅଧିକ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି, ଯାହା ପରିବାରର ଆୟକୁ ଅନ୍ୟ ବ୍ୟବହାର ଏବଂ ସଞ୍ଚୟରୁ ଦୂରେଇ ରଖୁଛି । ପୂର୍ବରୁ ବିସ୍ତାରିତ ସାର୍ବଜନୀନ ସ୍ୱାସ୍ଥ୍ୟ ଭିତ୍ତିଭୂମି, ପ୍ରବାହ ସହିତ ମୁକାବିଲା କରିବାକୁ ସଂଘର୍ଷ କରୁଛି, ଯାହା ଫଳରେ ସରକାରୀ ଖର୍ଚ୍ଚ ଅଧିକ ହୋଇ ଆସୁଛି । ବାୟୁ ପ୍ରଦୂଷଣ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ଖର୍ଚ୍ଚ ବୃଦ୍ଧି ନ ହେଲେ, ଏହି ଅର୍ଥ ଶିକ୍ଷା, ଭିତ୍ତିଭୂମି କିମ୍ବା ନବସୃଜନରେ ବିନିଯୋଗ କରାଯାଇପାରିଥାନ୍ତା । ଏହା ବଦଳରେ, ପ୍ରଦୂଷଣ ଯୋଗୁଁ ହେଉଥିବା ପ୍ରତିରୋଧଯୋଗ୍ୟ ରୋଗର ଚିକିତ୍ସା ପାଇଁ ନିରନ୍ତର ଆବଶ୍ୟକତା ଦ୍ୱାରା ନଷ୍ଟ ହୁଅନ୍ତା ନାହିଁ ।

ପିଲାମାନଙ୍କ ଉପରେ ଏହାର ପ୍ରଭାବ ବିଶେଷ ଭାବରେ ଚିନ୍ତାଜନକ । ପ୍ରଦୂଷଣ ସମୟରେ ଦିଲ୍ଲୀରେ ସ୍କୁଲଗୁଡ଼ିକ ପ୍ରାୟତଃ ବନ୍ଦ ହୋଇଯାଏ । ଫଳରେ ଶିକ୍ଷା ଚକ୍ରରେ ବାଧା ସୃଷ୍ଟି କରେ । ପାଠ ପଢ଼ା ଜାରି ରହିଲେ ମଧ୍ୟ, ପ୍ରଦୂଷିତ ବାୟୁର ସଂସ୍ପର୍ଶରେ ଆସୁଥିବା ପିଲାମାନେ ଫୁସ୍‌ଫୁସ୍ ବିକାଶରେ ବାଧା ଏବଂ ଏକାଗ୍ରତା ହ୍ରାସ ପାଇଥାଏ । ମାନବ ପୁଞ୍ଜିର ଏହି କ୍ଷୟ ଦୀର୍ଘକାଳୀନ ଆର୍ଥିକ ପରିଣାମ ଆଣିଥାଏ । ଭାରତର ଜନସଂଖ୍ୟାଗତ ଲାଭାଂଶ - ଏକ ଯୁବ, ଉତ୍ସାହୀ କର୍ମଶକ୍ତିର ପ୍ରତିଶ୍ରୁତି ଯାହା, ଅଭିବୃଦ୍ଧିକୁ ଚାଳିତ କରେ । ଯଦି ପରବର୍ତ୍ତୀ ପିଢ଼ି ସ୍ୱାସ୍ଥ୍ୟ ବିପର୍ଯ୍ୟସ୍ତ ଏବଂ ଦୁର୍ବଳ ଜ୍ଞାନାତ୍ମକ କ୍ଷମତା ସହିତ ବଢ଼େ, ତେବେ ନଷ୍ଟ ହେବାର ଆଶଙ୍କା ରହିଛି । ଖରାପ ବାୟୁ ଗୁଣବତ୍ତାର ମୂଲ୍ୟ କେବଳ ଆଜିର ହଜି ଯାଇଥିବା ଉତ୍ପାଦନରେ ନୁହେଁ, ବରଂ ଆସନ୍ତାକାଲିର ଦୁର୍ବଳ କର୍ମଶକ୍ତିରେ ମପାଯାଏ ।

## କର୍ମକ୍ଷେତ୍ରରେ ବାଧା ସୃଷ୍ଟି


କ୍ଷେତ୍ର-ନିର୍ଦ୍ଦିଷ୍ଟ ପ୍ରଭାବ ସମସ୍ୟାର ବ୍ୟାପକତାକୁ ଆହୁରି ସ୍ପଷ୍ଟ କରେ । ଦିଲ୍ଲୀ ଅର୍ଥନୀତିର ଏକ ପ୍ରମୁଖ ଚାଳକ ନିର୍ମାଣ ଶିଳ୍ପ, ଗ୍ରେଡେଡ୍ ରେସପନ୍ସ ଆକ୍ସନ୍ ପ୍ଲାନ୍ (ଜିଆର୍‌ଏପି) ଅଧୀନରେ ବାରମ୍ବାର ବନ୍ଦର ସମ୍ମୁଖୀନ ହୁଏ । ଧୂଳି ନିର୍ଗମନକୁ ରୋକିବା ପାଇଁ ଆବଶ୍ୟକ ହେଲେ, ଏହି ବନ୍ଦ ପ୍ରକଳ୍ପଗୁଡ଼ିକକୁ ଅଟକାଇ ଦିଏ, ଖର୍ଚ୍ଚ ବୃଦ୍ଧି କରେ ଏବଂ ନିବେଶକଙ୍କ ବିଶ୍ୱାସକୁ ଭାଙ୍ଗି ଦିଏ । ରିଅଲ୍ ଇଷ୍ଟେଟ୍ ଡେଭଲପର୍ସମାନେ ସମୟସୀମା ହରାଇବା ଏବଂ ବୃଦ୍ଧି ପାଉଥିବା ଖର୍ଚ୍ଚ ବିଷୟରେ ଅଭିଯୋଗ କରନ୍ତି, ଯାହା ଫଳରେ ଦରଦାମ ବୃଦ୍ଧି ହୋଇଯାଇଥାଏ । କୃଷି ମଧ୍ୟ କ୍ଷତିଗ୍ରସ୍ତ ହୁଏ । ପଞ୍ଜାବ ଏବଂ ହରିୟାଣାରେ ନଡ଼ା ଜାଳିବା ଦିଲ୍ଲୀର ଧୂଆଁରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖେ । ଏହା ମାଟିର ସ୍ୱାସ୍ଥ୍ୟକୁ ମଧ୍ୟ କ୍ଷତି ପହଞ୍ଚାଏ । ଫସଲ ଉତ୍ପାଦନ ହ୍ରାସ କରେ । ଚାଷୀମାନଙ୍କୁ ସ୍ୱଚ୍ଛ ପଦ୍ଧତି ଗ୍ରହଣ କରିବାକୁ ପ୍ରୋତ୍ସାହିତ କରିବାର ପ୍ରୟାସ ବିଫଳ ହୋଇଛି । ପ୍ରାୟତଃ ଯୋଜନାଗୁଡ଼ିକ ପଞ୍ଚାୟତ ଭଳି ସାମୂହିକ ସଂସ୍ଥା ବଦଳରେ ବ୍ୟକ୍ତିବିଶେଷଙ୍କୁ ଲକ୍ଷ୍ୟ କରିଥାଏ, ଯାହା ଯାଞ୍ଚକରଣକୁ କଷ୍ଟକର କରିଥାଏ ।

## ପରିବହନ ଓ ଗମନାଗମନ ବାଧାପ୍ରାପ୍ତ

ପରିବହନ ଏବଂ ଗତିଶୀଳତା ଆର୍ଥିକ କ୍ଷତିର ଆଉ ଏକ ଦିଗ ଉପସ୍ଥାପନ କରେ । ଯାନବାହନ ନିର୍ଗମନ ଦିଲ୍ଲୀର ପ୍ରଦୂଷଣରେ ଏକ ପ୍ରମୁଖ ଅବଦାନ ରଖିଛି । ଯଦିଓ ସାର୍ବଜନୀନ ବସ୍‌ଗୁଡ଼ିକକୁ ସଙ୍କୁଚିତ ପ୍ରାକୃତିକ ଗ୍ୟାସ୍‌ରେ ପରିବର୍ତ୍ତନ ଏକ ବିରଳ ସଫଳତାର କାହାଣୀ ଥିଲା । କିନ୍ତୁ ଘରୋଇ ଯାନବାହନ ମାଲିକାନା ଅନିୟନ୍ତ୍ରିତ ଭାବରେ ବୃଦ୍ଧି ପାଉଛି । ଧୂଆଁ ଯୋଗୁଁ ଟ୍ରାଫିକ୍ ଭିଡ଼ ଆହୁରି ଖରାପ ହୁଏ, ଯାହା ସାମଗ୍ରୀ ଏବଂ ଲୋକଙ୍କ ଗତିକୁ ମନ୍ଥର କରିଦିଏ । ଡେଲିଭରି ସେବା, ଲଜିଷ୍ଟିକ୍ସ କମ୍ପାନୀ, ଯାତ୍ରୀମାନେ ଗନ୍ତବ୍ୟ ସ୍ଥଳକୁ ବିଳମ୍ବ ପହଞ୍ଚିବା ଏବଂ ଅଦକ୍ଷତାର ଶିକାର ହୁଅନ୍ତି । ସିଙ୍ଗାପୁର ସହିତ ତୁଳନା କଲେ, ଯେଉଁଠାରେ କାର୍ ମାଲିକାନାକୁ କଡ଼ାକଡ଼ି ଭାବରେ ନିୟନ୍ତ୍ରିତ ଏବଂ ବ୍ୟବହାର କରି ଅତ୍ୟଧିକ ଗାଡ଼ି ଚାଳନାକୁ ନିରୁତ୍ସାହିତ କରେ । ନୀତିଗତ ନବସୃଜନ କିପରି ଏପରି ଖର୍ଚ୍ଚକୁ ହ୍ରାସ କରିପାରିବ ତାହା ଉପରେ ଆଲୋକପାତ କରେ । ସମାନ ପଦକ୍ଷେପ ଗ୍ରହଣ କରିବାରେ ଦିଲ୍ଲୀର ବିଫଳତା ଏକ ଶାସନ ବ୍ୟବଧାନକୁ ପ୍ରତିଫଳିତ କରେ ଯାହା ସିଧାସଳଖ ଅର୍ଥନୈତିକ ଅଦକ୍ଷତାରେ ପରିଣତ ହୁଏ ।







## ପର୍ଯ୍ୟଟନ ଓ ସେବା କ୍ଷେତ୍ର ପ୍ରଭାବିତ

ବାୟୁ ପ୍ରଦୂଷଣ ଯୋଗୁଁ ପର୍ଯ୍ୟଟନ ଏବଂ ସେବା ମଧ୍ୟ କ୍ଷତିଗ୍ରସ୍ତ ହେଉଛି । ସମୃଦ୍ଧ ଇତିହାସ ଏବଂ ସାଂସ୍କୃତିକ ସ୍ଥାନ ସହିତ ଦିଲ୍ଲୀ ପର୍ଯ୍ୟଟକଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନ ହେବା ଉଚିତ । ତଥାପି ବିଶ୍ୱର ସବୁଠାରୁ ପ୍ରଦୂଷିତ ରାଜଧାନୀ ମଧ୍ୟରୁ ଗୋଟିଏ ଭାବରେ ସହରର ଖ୍ୟାତି ପର୍ଯ୍ୟଟକମାନଙ୍କୁ ନିରୁତ୍ସାହିତ କରେ । ପ୍ରଦୂଷଣ ଜନିତ ଧୂଆଁ ଯୋଗୁଁ ହୋଟେଲ, ରେଷ୍ଟୁରାଣ୍ଟ ଏବଂ ଖୁଚୁରା ବ୍ୟବସାୟଗୁଡ଼ିକକୁ କମ୍ ଗ୍ରାହକ ଆସିବାର ଦେଖାଯାଏ । ଆନ୍ତର୍ଜାତୀୟ ସମ୍ମିଳନୀ ଏବଂ କାର୍ଯ୍ୟକ୍ରମଗୁଡ଼ିକକୁ ପ୍ରାୟତଃ ସ୍ୱଚ୍ଛ ସହରଗୁଡ଼ିକକୁ ସ୍ଥାନାନ୍ତରିତ କରାଯାଏ । ଯାହା ଦିଲ୍ଲୀକୁ ରାଜସ୍ୱ ଏବଂ ପ୍ରତିଷ୍ଠା ଉଭୟରୁ ବଞ୍ଚିତ କରେ । ଏକ ମଳିନ ପ୍ରତିଛବିର ଅଦୃଶ୍ୟ ମୂଲ୍ୟ ପରିମାଣ କରିବା କଷ୍ଟକର କିନ୍ତୁ ନିଃସନ୍ଦେହରେ ଗୁରୁତ୍ୱପୂର୍ଣ୍ଣ । ଯେଉଁଠାରେ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ବିପଦରେ ଥାଏ, ପ୍ରଦୂଷଣ ସମ୍ବନ୍ଧୀୟ ବାଧାଗୁଡ଼ିକ ନିୟମିତ ହୋଇଥାଏ, ସେଭଳି ଏକ ସହରରେ କାର୍ଯ୍ୟ ସ୍ଥାପନ କରିବାକୁ ନିବେଶକମାନେ ସଂକୋଚ କରନ୍ତି ।

ନିଷ୍କ୍ରିୟତାର ମୂଲ୍ୟ ବହୁତ ଅଧିକ । ଦିଲ୍ଲୀର ପ୍ରଦୂଷିତ ବାୟୁମଣ୍ଡଳରେ ଦୀର୍ଘକାଳୀନ ସଂସ୍ପର୍ଶରେ ରହିବା ଦ୍ୱାରା ଜୀବନକାଳ ଦଶ ବର୍ଷ ପର୍ଯ୍ୟନ୍ତ ହ୍ରାସ ପାଇପାରେ । ଉତ୍ପାଦକତା, ସ୍ୱାସ୍ଥ୍ୟସେବା ଏବଂ ବିଶ୍ୱ ଖ୍ୟାତି ଉପରେ ଏହାର ସମାହିତ ପ୍ରଭାବ ଅଗଣିତ । ଏହା ବ୍ୟତୀତ, ବାୟୁ ପ୍ରଦୂଷଣ ଜଳବାୟୁ ଦୁର୍ବଳତାକୁ ବୃଦ୍ଧି କରେ, ଗ୍ରୀଷ୍ମ ପ୍ରବାହକୁ ତୀବ୍ର କରେ, ବର୍ଷାର ଢାଞ୍ଚାକୁ ବାଧା ଦିଏ ଏବଂ ଜଳସମ୍ପଦକୁ ଚାପ ଦିଏ । ଏକ ଦୃଢ଼ ଜଳବାୟୁ ଶାସନ ଢାଞ୍ଚା ବିନା, ଭାରତ ଏକ ନବୀକରଣୀୟ ଶକ୍ତି ଲକ୍ଷ୍ୟ ହାସଲ କରିବାରେ ବିଫଳ ହେବାର ଆଶଙ୍କା ରହିଛି । ଏପରି ବିଫଳତାର ଆର୍ଥିକ ପରିଣାମ ବିଭିନ୍ନ କ୍ଷେତ୍ରଗୁଡ଼ିକରେ ପ୍ରତିଫଳିତ ହେବ, ଯାହା ଅଭିବୃଦ୍ଧି ଏବଂ ସ୍ଥିରତାକୁ ଦୁର୍ବଳ କରିପାରେ । ବ୍ୟାପକ ମାକ୍ରୋ ଅର୍ଥନୀତିର ଚିତ୍ର ଅତ୍ୟନ୍ତ ଦୁଃଖଦ । ପାଞ୍ଚ ଟ୍ରିଲିୟନ ଡଲାର ଅର୍ଥନୀତି ହେବାକୁ ଆକାଂକ୍ଷୀ ଏକ ଦେଶ ପାଇଁ, ଏପରି ପ୍ରଦୂଷଣଜନିତ କ୍ଷତି ବାଧା ସୃଷ୍ଟି କରୁଛି ।

ଦିଲ୍ଲୀର ପ୍ରଦୂଷିତ ବାୟୁ ଏକ ଜଟିଳ ସମସ୍ୟା । ଏହା ଅଭିବୃଦ୍ଧି ଓ ନିବେଶ ପାଇଁ ଏକ ବାଧା ଏବଂ ମାନବ ପୁଞ୍ଜି ପାଇଁ ଏକ ବିପଦ । ବାୟୁ ପ୍ରଦୂଷଣକୁ ଏକ ଜାତୀୟ ଜରୁରିକାଳୀନ ପରିସ୍ଥିତି ଭାବରେ ବିଚାର କରିବାକୁ ପଡ଼ିବ, ଏକ ଋତୁକାଳୀନ ସମସ୍ୟା ଭାବରେ ନୁହେଁ । ଏଥିପାଇଁ କେନ୍ଦ୍ର, ରାଜ୍ୟ ଏବଂ ସ୍ଥାନୀୟସ୍ତରରେ ପ୍ରୟାସକୁ ଏକତ୍ରିତ କରିବା ପାଇଁ ବ୍ୟାପକ ଜଳବାୟୁ ଆଇନ ଆବଶ୍ୟକ । ଏହା ଜାତୀୟ ଲକ୍ଷ୍ୟ ସହିତ ସମନ୍ୱୟ ରଖିବା ସହିତ ସ୍ଥାନୀୟ ଦୁର୍ବଳତାକୁ ସମାଧାନ କରିବା ପାଇଁ ବିକେନ୍ଦ୍ରୀକୃତ ଶାସନ ଦାବି କରେ । ଏହାର ପ୍ରଗତି ନିରୀକ୍ଷଣ କରିବା ପାଇଁ ନାଗରିକ କାର୍ଯ୍ୟ ଏବଂ ସ୍ୱଚ୍ଛ ତଥ୍ୟ ପ୍ରଣାଳୀକୁ ସଂଗଠିତ କରିବା ପାଇଁ ଜନସଚେତନତା ଅଭିଯାନକୁ ଆହ୍ୱାନ କରେ ।

ସ୍ୱଚ୍ଛ ବାୟୁ କେବଳ ଏକ ପରିବେଶଗତ ଆକାଂକ୍ଷା ନୁହେଁ; ଏହା ଏକ ଆର୍ଥିକ ରଣନୀତି । ପ୍ରଦୂଷିତ ଆକାଶ ତଳେ ଭାରତର ଅଭିବୃଦ୍ଧି କାହାଣୀ ଲେଖାଯିବା ଏକ କଷ୍ଟକର ଅଟେ । ଯଦି ଏହାର କର୍ମଶକ୍ତି ଅସୁସ୍ଥ ହୁଏ, ଏହାର ପିଲାମାନେ ଦୁର୍ବଳ ହୋଇଯାଆନ୍ତି, ଏହାର ସହରଗୁଡ଼ିକରୁ ନିବେଶକ ଏବଂ ପର୍ଯ୍ୟଟକମାନେ ଦୂରେଇ ରହନ୍ତି, ତେବେ ଏକ ବିଶ୍ୱ ଅର୍ଥନୈତିକ ଶକ୍ତିଶାଳୀ ହେବାର ଆକାଂକ୍ଷା ଦୁର୍ବଳ ହୋଇଯିବ । ଦିଲ୍ଲୀର ସଙ୍କଟ ଏକ ବ୍ୟାପକ ଜାତୀୟ ଚ୍ୟାଲେଞ୍ଜର ପ୍ରତୀକ । ସାହସିକ, ସମନ୍ୱିତ ଏବଂ ବିଜ୍ଞାନ-ସମର୍ଥିତ କାର୍ଯ୍ୟର ସମୟ ଏବେ ଆସି ଯାଇଛି । ସ୍ୱଚ୍ଛ ବାୟୁ ଏକ ବିଳାସପୂର୍ଣ୍ଣ କାର୍ଯ୍ୟ ନୁହେଁ, ବରଂ ସ୍ଥାୟୀ ବିକାଶ ପାଇଁ ଏକ ପୂର୍ବ ଆବଶ୍ୟକତା । ■

ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ୍ ଫାଇନାସ୍ ଆଣ୍ଡ ପଲିସୀ
୧୮/୨ – ସତ୍‌ସଙ୍ଗ ବିହାର ମାର୍ଗେ, ଜଏନ୍‌ୟୁ ପୂର୍ବ ଗେଟ୍ ନିକଟ, ନୂଆଦିଲ୍ଲୀ ମୋ: ୯ ୬୫୦୮ ୬୯୨୧୪

# ବାୟୁ ପ୍ରଦୂଷଣଜନିତ ରୋଗ ଓ ପ୍ରତିକାର



ପ୍ରଫେସର ଡା. ଶ୍ରୀକାନ୍ତ କୁମାର ଧର

**ଜଳବାୟୁରେ ଅନିୟମିତତା, ଯାନବାହାନ ଓ କଳକାରଖାନାରୁ ନିର୍ଗତ ବିଷାକ୍ତ ଧୂଆଁ, ଜୀବାଶ୍ମ ଇନ୍ଧନର ଅର୍ଦ୍ଧ ଦହନ ଆଦି ବାୟୁ ପ୍ରଦୂଷଣର ମୁଖ୍ୟ କାରଣ । ପ୍ରଦୂଷିତ ବାୟୁର ଅତ୍ୟନ୍ତ କ୍ଷୁଦ୍ର କଣିକା ଲୋକଙ୍କ ନିଃଶ୍ୱାସପ୍ରଶ୍ୱାସରେ ଶରୀରକୁ ପ୍ରବେଶ କରି ବିଭିନ୍ନ ରୋଗ ସୃଷ୍ଟି କରିଥାଏ । ମୁଖ୍ୟତଃ ଭାରତର ରାଜଧାନୀ ଦିଲ୍ଲୀ ସମେତ କେତେକ ସହରରେ ଏହି ସମସ୍ୟା ଦେଖାଯାଏ । ସେଥିମଧ୍ୟରୁ ଦିଲ୍ଲୀରେ ପ୍ରଦୂଷଣର ଭୟାବହତା ସବୁଠୁ ଅଧିକ । ଅଧୁନା ଦିଲ୍ଲୀରେ ଲଗାତାର ଏୟାର୍ କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୫୦୦ ଉପରେ ରହୁଛି । ପିଲାଠୁ ବୟସ୍କ ସମସ୍ତଙ୍କ ସ୍ୱାସ୍ଥ୍ୟ ପ୍ରତି ଏହା କ୍ଷତିକାରକ । ତେବେ ବାୟୁ ପ୍ରଦୂଷଣ ଯୋଗୁଁ କେଉଁ କେଉଁ ରୋଗ ସୃଷ୍ଟି ହୁଏ, ଏହାର ପ୍ରତିକାର କ'ଣ ରହିଛି ସେ ବିଷୟରେ ଜାଣିବା ।**

ଶୀତଦିନେ ଉତ୍ତର ଭାରତ ତଥା ପଞ୍ଜାବ, ହରିଆଣା ଆଦି ରାଜ୍ୟରୁ ଅପେକ୍ଷାକୃତ ଓଜନିଆ ଧୂଆଁ ଦିଲ୍ଲୀ ମଧ୍ୟକୁ ଚାଲି ଆସେ । ସେହି ଧୂଆଁ ଦିଲ୍ଲୀର ଗାଡ଼ିମୋଟରର ଧୂଆଁ ଯଥା- ବିଷାକ୍ତ ପଦାର୍ଥ, ସୀସା, ଲେଡ୍, କ୍ୟାଲମିୟମ, ସଲ୍ଫର୍ ଡାଇଅକ୍ସାଇଡ୍, ପାରଦ, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, କଳାକାରଖାନାରୁ ନିର୍ଗତ ଧୂଆଁ ତଥା ପିଏ୍ ୨.୫ ପରି ବିଷାକ୍ତ ତତ୍ତ୍ୱ ସହ ସହ ମିଶି ବିଷାକ୍ତ ଧୂଆଁରେ ବଦଳି ବାୟୁକୁ ପ୍ରଦୂଷଣ କରେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ଏକ୍ୟୁଆଇ ୫୦ ତଳକୁ ରହିବା ଭଲ, ୧୦୦ ମଧ୍ୟରେ ଏକ୍ୟୁଆଇ ରହିଲେ ଏହା ସନ୍ତୋଷଜନକ । ୨୦୦ରୁ ଅଧିକ ହେଲେ ପ୍ରଦୂଷଣ, ୩୦୧ରୁ ୪୦୦ ମଧ୍ୟରେ ଅତ୍ୟନ୍ତ ଖରାପ, ୪୦୧ରୁ ୫୦୦ରୁ ଅଧିକ ବିପଜ୍ଜନକ ବୋଲି ବିବେଚନା କରାଯାଏ । ଏହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହୋଇପାରେ । ହେଲେ ଦୁଃଖ ଓ ପରିତାପର ବିଷୟ, ଦିଲ୍ଲୀରେ ବିଗତ କିଛି ସପ୍ତାହ ଧରି ଏକ୍ୟୁଆଇ ୫୦୦ ଉପରେ ରହୁଛି । ବାୟୁର ଗୁଣବତ୍ତା ୩୦୦ ଉପରେ ରହିଲେ ବି ଏହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ମୁଖ୍ୟତଃ କ୍ରନିକ୍ ରୋଗୀ, ଗର୍ଭବତୀ ମହିଳା ଓ ଛୋଟଛୁଆଙ୍କ ପାଇଁ ଏହା ସମସ୍ୟା ସୃଷ୍ଟି କରେ । ଆଲର୍ଜି ହେବାର ଆଶଙ୍କା ଅଧିକ ଥାଏ ।




## ଆଜ୍ମା ରୋଗୀଙ୍କୁ ସମସ୍ୟା

ବାୟୁ ପ୍ରଦୂଷଣ ଆଜ୍ମା ରୋଗୀଙ୍କ ପାଇଁ ବିପଦର କାରଣ ପାଲଟିଥାଏ । ଆଜ୍ମା ଏକ ଫୁସ୍‌ଫୁସ୍‌ଜନିତ ରୋଗ । ଏହି ରୋଗ ହେଲେ ଫୁସ୍‌ଫୁସ୍ କାର୍ଯ୍ୟକରିବାର କ୍ଷମତା ପ୍ରଭାବିତ ହୋଇପାରେ । ସାଧାରଣତଃ ସକାଳ ଏବଂ ସମୟରେ ପ୍ରଦୂଷଣ ମାତ୍ରା ଅଧିକ ରହୁଥିବାରୁ ଏହି ସମୟଟି ଆଜ୍ମା ରୋଗୀଙ୍କ ପାଇଁ କଠିନ ହୋଇଥାଏ । ଆଜ୍ମା ରୋଗୀ ଧଇଁସଇଁ ହୁଅନ୍ତି । ନିଃଶ୍ୱାସପ୍ରଶ୍ୱାସ ନେବାରେ ସମସ୍ୟା ଅନୁଭବ କରନ୍ତି । ଅମ୍ଳଜାନର ଅଭାବ ପଡୁଥିବାରୁ ରୋଗୀଙ୍କୁ ହସ୍‌ପିଟାଲ ସ୍ଥାନାନ୍ତରଣ କରାଯାଏ । ସେମାନେ ଏହି ସମୟରେ ଅଧିକ ସତର୍କ ରହିବା ଆବଶ୍ୟକ । କାରଣ ସେମାନଙ୍କୁ ଆଲର୍ଜି ବେଶୀ ହେଲେ ଆଜ୍ମା ବେଶୀ ହେବ । ତେଣୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଆଣ୍ଟି ଆଲର୍ଜିକ ଔଷଧ ଖାଆନ୍ତୁ । ଔଷଧ ସେବନ ଅଧିକରୁ ପାର୍ଶ୍ୱପ୍ରତିକ୍ରିୟା ହୋଇପାରେ ତେଣୁ ତାହା ପ୍ରତି ସତର୍କ ରୁହନ୍ତୁ । ନିୟମିତ ଇନ୍‌ହେଲର୍ ବ୍ୟବହାର କରନ୍ତୁ । ଏନ୍୯୫ ମାସ୍କ ପିନ୍ଧି ସୁରକ୍ଷିତ ରହିପାରିବେ ।



## ପିଲାଙ୍କ ଯତ୍ନ

ବାୟୁ ପ୍ରଦୂଷଣ ଯୋଗୁଁ ଶିଶୁଙ୍କ ଶାରିରୀକ ଓ ମାନସିକ ବିକାଶରେ ବାଧା ସୃଷ୍ଟି ହୁଏ । ଫୁସ୍‌ଫୁସ୍, ହୃଦ୍‌ପିଣ୍ଡ ଏବଂ ରୋପ୍ରତିରୋଧକ ଶକ୍ତି ପ୍ରଭାବିତ ହୁଏ । ପିଲାଙ୍କୁ ଆଜ୍ମା, ବ୍ରୋଙ୍କାଇଟିସ୍, ବାରମ୍ବାର ଥଣ୍ଡା, ଜ୍ୱର, ଚିନ୍ତା ଚିଡ଼ିଚିଡ଼ାପଣ ସୃଷ୍ଟି ହେବାର ଆଶଙ୍କା ଅଧିକ ରହିଥାଏ । ତେଣୁ ପ୍ରଦୂଷଣରୁ ଦୂରେଇ ରଖିବାକୁ ବାହାରକୁ ମାସ୍କ ପିନ୍ଧାଇ ଛାଡ଼ନ୍ତୁ । ପିଲାଙ୍କ ପାଖରେ ଧୂମପାନ ନ କରିବା ଆବଶ୍ୟକ । ପର୍ଯ୍ୟାପ୍ତ ମାତ୍ରାରେ ପାଣି, ପଇଡ଼, ସୁପ୍ ଆଦି ତରଳ ପଦାର୍ଥ ଦେଇପାରିବେ । ଖାଦ୍ୟରେ ଭିଟାମିନ୍-ସି, ଇ, ଫଳ, ସବୁଜ ପରିବା ଆଦି ସାମିଲ କରିପାରିବେ । ନିଃଶ୍ୱାସ ନେବାରେ ସମସ୍ୟା ହେଲେ, ଡାକ୍ତରଙ୍କୁ ଯୋଗାଯୋଗ କରନ୍ତୁ ।



## ଆଲର୍ଜି ଥିଲେ ସାବଧାନ

ବାୟୁ ପ୍ରଦୂଷଣ ବୃଦ୍ଧି ଯୋଗୁଁ କାଶ, ଛିଙ୍କ, ଶ୍ୱାସକ୍ରିୟାରେ ସମସ୍ୟା ହୁଏ । ଶ୍ୱସନ ତନ୍ତ୍ର ଏବଂ ରୋଗ ପ୍ରତିରୋଧକ ଶକ୍ତି ପ୍ରଭାବିତ ହୋଇଥାଏ । ଯେଉଁମାନଙ୍କର ଆଲର୍ଜି ରହିଛି, ପ୍ରଦୂଷିତ ବାୟୁ ସଂସ୍ପର୍ଶରେ ଆସିଲେ ବାରମ୍ବାର ଛିଙ୍କ ହେବା, ନାକରୁ ପାଣି ବୋହିବା, ନିଃଶ୍ୱାସ ନେବାରେ ଅସୁବିଧା ହେବାର ସମ୍ଭାବନା ଥାଏ । ତେଣୁ ଶ୍ୱାସକ୍ରିୟାରେ ସମସ୍ୟା ହେଲେ ଡାକ୍ତରଙ୍କ ପରାମର୍ଶ ନେବା ସହ ଔଷଧ ସେବନ କରନ୍ତୁ । ପାଖରେ ଇନ୍‌ହେଲର ରଖିପାରିବେ । ବାମ୍ପ ନେଇପାରିବେ । ଆଲର୍ଜି ଏବଂ ସିଓପିଡ଼ି ଥିବା ବ୍ୟକ୍ତି ଘରକୁ ସଫା ରଖିବା ଆବଶ୍ୟକ । କରୋନାରୁ ଆରୋଗ୍ୟ ହୋଇଥିବା ଶ୍ୱାସରୋଗୀମାନଙ୍କ ଫୁସ୍‌ଫୁସ୍ ଦୁର୍ବଳ ଥିବାରୁ ସେମାନଙ୍କୁ ବାୟୁ ପ୍ରଦୂଷଣ ଅଧିକ କ୍ଷତି ପହଞ୍ଚାଏ । ତେଣୁ ସେମାନେ ଏଥିପ୍ରତି ଅଧିକ ସତର୍କ ରହିବାକୁ ପଡ଼ିବ । ଘରେ ବିଲେଇ, କୁକୁର ଆଦି ପାଳୁଥିଲେ, ସେମାନଙ୍କ ଧୂଳି ମଧ୍ୟ ଆଲର୍ଜିର କାରଣ ସାଜିପାରେ । ଏଥିପ୍ରତି ସତର୍କ ରୁହନ୍ତୁ ।

## ଚର୍ମଜନିତ ସମସ୍ୟା

ଯେଉଁମାନଙ୍କର ଏକଜିମା, ସୋରିଆସିସ୍, କୁଣ୍ଡିଆ ଆଦି ଚର୍ମଜନିତ ସମସ୍ୟା ରହିଛି, ସେମାନେ ଘରେ ଯେମିତି ବେଶୀ ଧୂଆଁ ଧୂଳି ନହେବ ତାହାକୁ ଧ୍ୟାନ ଦିଅନ୍ତୁ। ସେମାନେ ଯେଉଁ ଶୀତବସ୍ତ୍ର ପିନ୍ଧୁଛନ୍ତି ତାହାକୁ ଦୁଇ-ତିନି ଦିନରେ ଥରେ ଖରାରେ ଶୁଖାଇବେ। ସଫା ଏବଂ ସୂତା ବସ୍ତ୍ର ପିନ୍ଧିବେ। ଯେଉଁମାନଙ୍କର ଚର୍ମ ଆଲର୍ଜି ରହିଛି ସେମାନେ ବେଶୀ କସମେଟିକ୍ ବ୍ୟବହାର କରିବେନି।

## ସିଓପିଡି



ସିଓପିଡ଼ିର ଅର୍ଥ କ୍ରନିକ୍ ଅବଷ୍ଟ୍ରକ୍ଟିଭ୍ ପଲମୋନାରୀ ରୋଗ। ଏହା ଏକ ଦୀର୍ଘକାଳୀନ ଫୁସ୍‌ଫୁସ୍‌ଜନିତ ରୋଗ। ଏହି ରୋଗରେ ପୀଡ଼ିତ ବ୍ୟକ୍ତିଙ୍କ ଶ୍ୱାସକ୍ରିୟାରେ ସମସ୍ୟା ହୁଏ। ଛାତି ଯନ୍ତ୍ରଣା, ଲଗାତାର କାଶ ଆଦି ହୋଇଥାଏ। ସ୍ଥିତି ଅତି ଗମ୍ଭୀର ହେଲେ ସେମାନଙ୍କ ପାଇଁ ଅମ୍ଳଜାନର ଆବଶ୍ୟକତା ପଡ଼ିଥାଏ। ଆବଶ୍ୟକସ୍ଥଳେ ରୋଗୀଙ୍କୁ ହସ୍‌ପିଟାଲରେ ଭର୍ତ୍ତି ହେବାକୁ ପଡ଼େ। ଏହି ସମସ୍ୟା ମୃତ୍ୟୁମୁଖରେ ପକାଏ। ତେବେ ଏହି ରୋଗର ନିର୍ଦ୍ଦିଷ୍ଟ ଚିକିତ୍ସା ନଥିବାରୁ ଲକ୍ଷଣ ଅନୁସାରେ ରୋଗର ତୀବ୍ରତାକୁ କମ୍ କରାଯାଇପାରେ। ପ୍ରଦୂଷିତ ବାୟୁରେ ବୁଲାବୁଲି କରିବା ଅନୁଚିତ। ଡାକ୍ତରଙ୍କ ପରାମର୍ଶକ୍ରମେ ଔଷଧ ସେବନ କରିବା ଜରୁରି। ଗମ୍ଭୀର ମାମଲାରେ ଅକ୍ସିଜେନ୍ ଥେରାପି ନେଇ ପାରିବେ। ଦୈନିକ ସଠିକ୍ ମାତ୍ରାର ପାଣି ପିଇବାକୁ ଭୁଲନ୍ତୁନି।

## ହୃଦ୍‌ରୋଗ



ଅଧ୍ୟୟନ ମୁତାବକ, ଯେତେବେଳେ ବାୟୁ ପ୍ରଦୂଷଣମାତ୍ରା ଅଧିକ ରୁହେ ହୃଦୟଜନିତ ସମସ୍ୟା ବଢ଼ିଯାଇଥାଏ। ଯଦି ଏକ୍ୟୁଆଇ ଦୀର୍ଘ ଦିନ ଧରି ବଢ଼ିକରି ରହୁଛି, ସ୍ମରଣଶକ୍ତିରେ ପ୍ରଭାବ ପଡ଼େ। ବିଷାକ୍ତ ତତ୍ତ୍ୱ ଉଭୟ ହୃଦୟ ଏବଂ ମସ୍ତିଷ୍କ ସମ୍ବନ୍ଧୀୟ ଗମ୍ଭୀର ରୋଗ ଆଶଙ୍କାକୁ ବଢ଼ାଇଦିଏ। ଯେଉଁମାନେ ହୃଦ୍‌ରୋଗରେ ପୀଡ଼ିତ, କୁହାଯାଏ ହୃଦ୍‌ଘାତ ଏବଂ ଷ୍ଟ୍ରୋକ୍‌ର କାରଣ ହୋଇପାରେ। ତେଣୁ ଯେଉଁମାନଙ୍କର ପୂର୍ବରୁ ହୃତ୍‌ଜନିତ ସମସ୍ୟା ରହିଛି, ସେମାନେ ବାୟୁ ପ୍ରଦୂଷଣ ପ୍ରତି ସତର୍କ କରିବା ଜରୁରି।

## ଫୁସ୍‌ଫୁସ୍ କର୍କଟ

ବାୟୁ ପ୍ରଦୂଷଣ ସମ୍ପର୍କରେ ଆସିବା ଯୋଗୁଁ ଫୁସ୍‌ଫୁସ୍ ଜଳାପୋଡ଼ା ଏବଂ ଫୁଲିବା ସମସ୍ୟା ଓ ଶ୍ୱାସ-ପ୍ରଶ୍ୱାସ ଜନିତ ରୋଗ ହୋଇଥାଏ। କ୍ରମାନ୍ୱୟରେ ଏହା ଫୁସ୍‌ଫୁସ୍ କର୍କଟରେ ପରିଣତ ହୁଏ। ବାୟୁ ପ୍ରଦୂଷଣ କାରଣରୁ ଛାତି, ଚକ୍ଷୁ, ଗଳା, ଚର୍ମ ଓ ନାକ ଜନିତ ରୋଗ ଅଧିକ ପରିଲକ୍ଷିତ ହେଉଛି। ମସ୍ତିଷ୍କସ୍ତରରେ ମଧ୍ୟ ପ୍ରଭାବ ପକାଉଥିବାରୁ ଲୋକଙ୍କଠାରେ ଚିଡ଼ିଚିଡ଼ାପଣ ବଢୁଛି। ଛାତି ସଂକ୍ରମଣ ଯୋଗୁଁ ରୋଗୀଙ୍କୁ ଆଇସିୟୁରେ ଭର୍ତ୍ତି କରିବାକୁ ପଡ଼ିଥାଏ।

## ମଧୁମେହ ରୋଗୀଙ୍କ ପାଇଁ କାଳ

ମଧୁମେହ ରୋଗୀଙ୍କ ପାଇଁ କାଳ ସାଜିଛି ବାୟୁ ପ୍ରଦୂଷଣ। ବାୟୁ ପ୍ରଦୂଷଣର ବିପଜ୍ଜନକ ତତ୍ତ୍ୱ ପିଏମ୍ ୨.୫ ରହିଥାଏ। ପିଏମ୍ ୨.୫ କଣିକାଯୁକ୍ତ ପ୍ରଦୂଷିତ ବାୟୁରେ ଶ୍ୱାସପ୍ରଶ୍ୱାସ ନେବା ଦ୍ୱାରା ଶରୀରରେ ରକ୍ତ ଶର୍କରା ମାତ୍ରା ବୃଦ୍ଧି ପାଏ। ଯାହା ଟାଇପ୍-୨ ମଧୁମେହ ସୃଷ୍ଟି କରିପାରେ ନତୁବା ଏହାର ନିୟନ୍ତ୍ରଣରେ ସମସ୍ୟା ହୋଇପାରେ। ମଧୁମେହରେ ପୀଡ଼ିତ ବ୍ୟକ୍ତିଙ୍କର ଶ୍ୱାସ ଓ ହୃଦ୍‌ସମସ୍ୟା ରୋଗର ହେବାର ଅଧିକ ଆଶଙ୍କା ଥାଏ। ବାୟୁ ପ୍ରଦୂଷଣ ମଧୁମେହ ସହ ଶ୍ୱାସରୋଗ, ଚର୍ମରୋଗ ଏବଂ ଫୁସ୍‌ଫୁସ୍‌କୁ ସଂକ୍ରମିତ କରିବାର ଆଶଙ୍କା ଥାଏ। ମଧୁମେହରୋଗୀ ଯେଉଁମାନଙ୍କର ଚର୍ମ ଜନିତ ସମସ୍ୟା ଓ ଆଜ୍‌ମା ରହିଛି ସେମାନେ ଆଲର୍ଜିଠାରୁ ଦୂରେଇ ରୁହନ୍ତୁ। ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଔଷଧ ସେବନ କରନ୍ତୁ। ସନ୍ତୁଳିତ ଖାଦ୍ୟ ଖାଇବା ସହ ଅଧିକ ଶର୍କରା ଜାତୀୟ ଖାଦ୍ୟଠାରୁ ଦୂରେଇ ରୁହନ୍ତୁ। ଧୂମପାନ, ତମାଖୁ ଏବଂ ମାଦକଦ୍ରବ୍ୟ ସେବନଠୁ ଦୂରେଇ ରହିବା ଉଚିତ୍। ଯୋଗ , ପ୍ରାଣାୟାମ, ବ୍ୟାୟାମ ଭଳି ନିୟମିତ ବ୍ୟାୟାମ ସହିତ ଶୃଙ୍ଖଳିତ ଆହାର, ନିଦ୍ରା ଏବଂ ବିଶ୍ରାମ ଉପରେ ଧ୍ୟାନ ଦେବା ନିହାତି ଆବଶ୍ୟକ।

## ପରିବେଶ ସ୍ୱଚ୍ଛ ରଖିବା ଆବଶ୍ୟକ



ସୁସ୍ଥ ରହିବାକୁ ବାତାବରଣକୁ ସ୍ୱଚ୍ଛ ରଖନ୍ତୁ। ଘରେ ପ୍ୟୁରିଫାୟାର ରହିବା ଜରୁରି। ଧୂମପାନ, ଧୂଳି ଅନ୍ୟପ୍ରକାର ବାୟୁ ପ୍ରଦୂଷଣଠାରୁ ଯଥାସମ୍ଭବ ଦୂରେଇ ରୁହନ୍ତୁ। ଘରେ ଅସରପା ବଢ଼ିବାକୁ ଦିଅନ୍ତୁନି। ଘରେ ଅଳନ୍ଧୁକୁ ସଫା ରଖନ୍ତୁ। ଘରର ଆର୍ଦ୍ରତା ସନ୍ତୁଳିତ ରଖିବାକୁ ମେସିନ୍ ବ୍ୟବହାର କରିପାରିବେ। ଧୂଆଁ, ଧୂଳି କଣା କମ୍ କରିବାକୁ ମଧ୍ୟ ମେସିନ୍ ବ୍ୟବହାର କରିପାରିବେ। ଘରକୁ ବାୟୁ ଚଳାଚଳ ହେବାକୁ ଦିଅନ୍ତୁ। ପ୍ରଦୂଷଣ କମ୍ କରିବାକୁ କିଛି ଇନଡୋର୍ ପ୍ଲାଣ୍ଟ ଲଗାଇପାରିବେ। ଘର ବାହାରେ ଅଧିକ ମାତ୍ରାର ଗଛ ଲଗାଇପାରିବେ।

## କିପରି ରହିବେ ସୁସ୍ଥ



ଦିଲ୍ଲୀରେ ଏକ୍ୟୁଆଇ ବଢ଼ିବା ଯୋଗୁଁ ୫୦ ପ୍ରତିଶତ ଲୋକଙ୍କୁ ଏବେ ଘରେ ରହି କାମ କରିବାକୁ କୁହାଯାଉଛି। ୩୦୦ ଉପରେ ଏକ୍ୟୁଆଇ ରହିଲେ, ଗର୍ଭବତୀ ମହିଳା, ଛୋଟଛୁଆ, ୬୫ବର୍ଷ ବୟସରୁ ଊର୍ଦ୍ଧ୍ୱ, ସିଓପିଡ଼ି, ଆଜ୍‌ମା ରୋଗୀ, ହୃଦ୍‌ରୋଗୀମାନଙ୍କ ପାଇଁ ବାହାରକୁ ଯିବା କ୍ଷତିକାରକ ହୋଇପାରେ। ତେଣୁ ବାହାରକୁ ଯିବା ସମୟରେ ଏନ୍ ୯୫ ମାସ୍କ ପିନ୍ଧନ୍ତୁ। ଏହା ଉପଲବ୍ଧ ନଥିଲେ ସର୍ଜିକାଲ ମାସ୍କ କିମ୍ବା ମୁହଁକୁ ଘୋଡାଇ ପାରିବେ। ଯେଉଁମାନେ ଧୂଳିଜମା ପରିବେଶରେ କାମ କରୁଛନ୍ତି ବା ସେମାନଙ୍କୁ ଆଗରୁ ଶ୍ୱାସଜନିତ ସମସ୍ୟା ରହିଛି ସେମାନେ ବେଶୀ ସତର୍କ ରହିବା ଜରୁରି। ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବାକୁ ଇଲେକ୍ଟ୍ରିକ୍ ଯାନବାହନ ଚଳାଚଳକୁ ଗୁରୁତ୍ୱ ଦିଆଯାଉଛି। ବୃକ୍ଷରୋପଣ ଏବଂ ପ୍ରଦୂଷଣ ରୋକ ଉପରେ ନଜର ଦେବା ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ। ସମୟ ଆସିଛି ଏହା ଉପରେ ଏବେ ଧ୍ୟାନ ନଦେଲେ, ଆଗାମୀ ପିଢ଼ି ପାଇଁ ଏହା ନିଶ୍ଚିନ୍ତ କ୍ଷ ତି କା ର କ ହେବ।

## ଘରୋଇ ଚିକିତ୍ସା

ବାୟୁ ପ୍ରଦୂଷଣ ମଧ୍ୟରେ ନିଜକୁ ସୁସ୍ଥ ରଖିବାକୁ ଘରୋଇ ଚିକିତ୍ସା ଆପଣାଇ ପାରିବେ। ଆୟୁର୍ବେଦ ଚିକିତ୍ସକଙ୍କ ପରାମର୍ଶ ଅନୁସାରେ ଔଷଧ ସେବନ ସହ ଖାଦ୍ୟପେୟରେ ସତର୍କତା ଅବଲମ୍ବନ କରିବା ଆବଶ୍ୟକ। ହଳଦୀରେ ଅନେକ ଉପକାରୀ ତତ୍ତ୍ୱ ରହିଛି। ଏହା ରୋଗପ୍ରତିରୋଧକ ଶକ୍ତି ବଢ଼ାଇ ସଂକ୍ରମଣରୁ ରକ୍ଷା କରିଥାଏ। ଡାଏଟ୍‌ରେ ବ୍ରୋକ୍‌ଲି, ଟମାଟୋ, କମଳା, ଗୁଡ଼, ବ୍ରୋକଲି, ଗ୍ରୀନ୍‌ଟି, ଡ୍ରାଏଫ୍ରୁଟ୍‌ସ, ଅଦା, ଅଁଳା ଆଦିକୁ ସାମିଲ କରିପାରିବେ। ନିୟମିତ ସାଲାଡ଼, ସୁପ୍ ଦି ସେବନ ଦ୍ୱାରା ପ୍ରଦୂଷଣରୁ ସୁରକ୍ଷା ମିଳିଥାଏ। ପାଳଙ୍ଗରେ କ୍ୟାରୋଟିନ୍, ଲ୍ୟୁଟେନି ଆଦି ଥିବାରୁ ଏହା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରେ। ସେହିପରି ଯକୃତ୍‌ରୁ ବିଷାକ୍ତ ପଦାର୍ଥ ବାହାର କରିବାକୁ ପ୍ରତିଦିନ ଚିକିତ୍ସକଙ୍କ ପରାମର୍ଶ ନେଇ ଅନୁମୋଦିତ ହାରରେ ରସୁଣ ଖାଇପାରିବେ। ଏଥିରେ ଥିବା ସଲ୍‌ଫର୍ ଶରୀରକୁ ଶୁଦ୍ଧ କରିବାରେ ସାହାଯ୍ୟ କରେ। ବାୟୁ ପ୍ରଦୂଷଣ ଯୋଗୁଁ ବିଭିନ୍ନ ଚର୍ମଜନିତ ସମସ୍ୟା ତଥା ଆଲର୍ଜି ସୃଷ୍ଟି ହୋଇଥାଏ। ଏଥିରୁ ରକ୍ଷା ପାଇବାକୁ ନିୟମିତ ନିମ୍ବପତ୍ର ଓ ପିତାଜାତୀୟ ଖାଦ୍ୟ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ହିତକର। ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।

ବ୍ୟାୟାମ, ଯୋଗ ଏବଂ ପ୍ରାଣାୟମ ଦ୍ୱାରା ରକ୍ତସଞ୍ଚାଳନ ସଠିକ୍ ହୁଏ। କିଛି ନିର୍ଦ୍ଦିଷ୍ଟ ଯୋଗ କରିବା ଦ୍ୱାରା ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ଆଲର୍ଜିକୁ ପ୍ରତିହତ କରିବାରେ ସାହାଯ୍ୟ କରେ। ■





ବିଭାଗୀୟ ମୁଖ୍ୟ, ବରିଷ୍ଠ ଭେଷଜ ବିଶେଷଜ୍ଞ,
ସମ୍ ଅଲ୍ଟିମେଟ୍ ମେଡିକେୟାର, ଭୁବନେଶ୍ୱର



# ନୀତି ଅନୀତି ରାଜନୀତି

ଶ୍ରୀବିଦୂର



## ବିଗୁଲ ଫୁଙ୍କିଲେ ମୋକିମ୍

ଲୋଟଣୀ ଗେଣ୍ଡୁକୁ କେହି କେହି କହନ୍ତି କେଳି କୁସୁମ । କିଛି ଅଞ୍ଚଳରେ ଲାଲ ହଳଦୀ ରଙ୍ଗର ବୁଦାଳିଆ ଫ୍ରେଞ୍ଚ ମେରିଗୋଲ୍ଡକୁ ମକଦଲୀ ବୋଲି କହୁଥିବା ଶୁଣାଯାଏ । ମାତ୍ର ରାଜ୍ୟର ଅଧିକାଂଶ ଅଞ୍ଚଳରେ ଏହା କଟକୀ ରୂପେ ପରିଚିତ । ଗେଣ୍ଡୁ ଉଦ୍ୟାନର ଭଳିକି ଭଳି ଗଛ ମଧ୍ୟରୁ କଟକୀ ଗେଣ୍ଡୁ ବାରି ହୋଇ ପଡ଼ିବା ପରି ବାହାଘର ରୋଶଣୀରେ କଟକୀ ଫୋଟକା, କଟକୀ ବ୍ୟାଣ୍ଡ ଓ ହାତ ମଠର ନେତାଙ୍କ ଭିଡ଼ ଭିତରେ କଟକୀ ମୋକିମ୍ ସହଜରେ ବାରି ହୋଇ ପଡ଼ନ୍ତି । ଏକ ସମୟରେ ମୋକିମ୍‌ଙ୍କୁ ରାଜ୍ୟ ହାତ ମଠ ମହନ୍ତ ପଦ ମିଳିବ ବୋଲି ଚର୍ଚ୍ଚା ହେଉଥିଲା, ହେଲେ ଦିଲ୍ଲୀ ନେତୃତ୍ୱ ଶେଷରେ ଭକ୍ତଚରଣଙ୍କ ମଥାରେ ଶିରିପା ବାନ୍ଧିଦେଲେ । ମାତ୍ର ନୂଆପଡ଼ା ଉପନିର୍ବାଚନରେ ମୋକିମ, ତାଙ୍କ ବିଧାୟିକା ଝିଅ ସୋଫିଆଙ୍କୁ ଯେପରି ଭକ୍ତ କୋଣଠେସା କରିଦେଲେ; ତାହାକୁ ଅନେକ ନାପସନ୍ଦ କଲେ ବି ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ ନିରବ ରହିବାକୁ ଉଚିତ ମଣିଲେ । ତେବେ ଭକ୍ତଚରଣଙ୍କ କଥିତ ବିଭୀଷଣ ଉପାଖ୍ୟାନ ପରେ ଏବେ ହାତ ଦଳରେ ଆରମ୍ଭ ହୋଇଛି ଗୋଳ ଓ କଟକୀ ମୋକିମ୍ ଫୁଙ୍କିଛନ୍ତି ବିଦ୍ରୋହର ପ୍ରଥମ ବିଗୁଲ୍ । ନିଜେ ପିସିସି ସଭାପତି ଭକ୍ତଚରଣ ଶୃଙ୍ଖଳା ଭାଙ୍ଗିଥିବା ଅଭିଯୋଗ କରି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିବା ପରଠାରୁ ଜଣକ ପରେ ଜଣେ ନେତା ମୁହଁ ଖୋଲିବା ଆରମ୍ଭ କରିଛନ୍ତି । ବିଭୀଷଣ ଅଛନ୍ତି ମାନେ ଦଳରେ ରାବଣ ଥିବେ ବୋଲି ଅଲେଖ ନିରଞ୍ଜନ କଟାକ୍ଷ କଲାବେଳକୁ ପାଳି ଧରିବା ପରି ଗଞ୍ଜାମୀ ନେତା ରମେଶଙ୍କ ଏକଛତ୍ର ବାଣ ହାତ ମଠକୁ ଦୋହଲାଇ ଦେଇଛି । ଏହି ଘଟଣା ପରେ ଦଳରେ ସୃଷ୍ଟ ଅଶାନ୍ତିର ବିଭୀଷଣ ନିଆଁକୁ ଲିଭାଇବାକୁ ପାଣି ସନ୍ଧାନରେ ବାହାରିଛନ୍ତି । ହେଲେ ପାଣି କାହିଁ, ଚାରିଆଡ଼େ ତ ଖାଲି ଅଶାନ୍ତିର ପେଟ୍ରୋଲ । ■



## ମୁହଁ ଫୁଲାଇଲେ କୃଷ୍ଣଚନ୍ଦ୍ର

ଆମ ରାଇଜର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ରଙ୍କୁ ବେଳକାଳ ବୋଧେ ଠିକ୍ ଚାଲିନାହିଁ । ଉତ୍ତରପ୍ରଦେଶରୁ ରେଳ ଯୋଗେ ଆଳୁ ଆମଦାନୀ ସଂକ୍ରାନ୍ତରେ ସେ ଦେଇଥିବା ଟିପ୍ପଣୀ ଏବେ ବି ସୋସିଆଲ ମିଡ଼ିଆରେ ଘାଇଁ ଘାଇଁ ବାଜୁଛି । ସେମିତି ଗଲାସନ ପିଆଜ ତିରୋଟ ସମୟରେ ସେ କ'ଣ ପଦେ କହି ଦେଇଥିଲେ ଯେ ତାକୁ ଜଟଣୀ ରେଙ୍ଗି ଭାଇ ସୁର ଏବେ ବି କାନିରେ ଗଣ୍ଠି କରି ବସିଛନ୍ତି । ଯେବେଠାରୁ ମନ୍ତ୍ରୀ ଭାବରେ କୃଷ୍ଣଚନ୍ଦ୍ର ଶପଥ ନେଲେଣି; ସେବେଠାରୁ ବିବାଦ ତାଙ୍କ ପିଛା ଛାଡ଼ୁନାହିଁ । କେତେବେଳେ ଚତୁର୍ଥରେ ରାହୁ ବସିଲେଣି ତ କେତେବେଳେ ତ୍ରିକୋଣ ଦୃଷ୍ଟିରେ କେତୁ ତାଙ୍କ ଭାଗ୍ୟ ଘରକୁ ଚାହିଁ ରହିଛନ୍ତି । କେତେବେଳେ ଜନ୍ମ ବୃହସ୍ପତି ତ କେତେବେଳେ ପୁଣି ବକ୍ରୀ ଶନି ଯୋଗୁଁ ଭାଗ୍ୟ ଘରେ କାକ ମଳତ୍ୟାଗ କରୁଛି । ସେଥିପାଇଁ କୁଆଡ଼େ ତାଙ୍କ ବାକ୍ୟ ଓ କାର୍ଯ୍ୟ ପରସ୍ପର ବିରୋଧୀ ମନେ ହେଉଛି । ରାଜ୍ୟରୁ ଏଫ୍‌ସିଆଇ ଅଧିକ ଧାନ ଉଠାଇବାକୁ ସେ କୁଆଡ଼େ ଭାରି ପରିଶ୍ରମ କରିଥିଲେ । ଦିଲ୍ଲୀ ଯାଇ କେନ୍ଦ୍ର ଖାଉଟି କଲ୍ୟାଣମନ୍ତ୍ରୀଙ୍କୁ ପାତ୍ର ଆଞ୍ଜା ସାକ୍ଷାତ ଆଲୋଚନାର ଫଟୋଗୁଡ଼ିକ ତାଙ୍କ ବିଭାଗର ଅଧିକାରୀମାନେ ଟ୍ୱିଟର, ଫେସବୁକରେ ଛାଇଦେଲେ ସିନା ଫଳ ଫଳିଲା ଓଲଟା । ତିନିମାସ ତଳେ ରାଜ୍ୟର ମିଲର ଆସୋସିଏସନ ପ୍ରତିନିଧିମଣ୍ଡଳୀଙ୍କୁ ସାଥୀରେ ନେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯେଉଁ ଦାବିପତ୍ର ଦେଇଥିଲେ, ତାକୁ ବିଚାରକୁ ନିଆଯାଇ ଓଡ଼ିଶାରୁ ଏ ସନ ଅଧିକ ୮ ଲକ୍ଷ ଟନ୍ ଧାନ ଉଠାଇବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ନେଲେ । ଏ ସଂକ୍ରାନ୍ତରେ ବିଭାଗୀୟ ମନ୍ତ୍ରୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଚିଠି ଲେଖି ସୂଚନା ବି ଦେଲେ । ଏ କଥା ଶୁଣିବା ପରେ କୃଷ୍ଣଚନ୍ଦ୍ରଙ୍କ ମନ ପୁରା ଆମ୍ବିଳା; ମୁହଁ ଫୁଲାଇ ବସିବା ବିନା ଆଉ କ'ଣ ସେ କରିପାରିବେ ? ■



## କଳିଙ୍ଗରେ ବଂଶୀବାଦନ

ଅନେକ ଜାତୀୟ ଓ ଆନ୍ତର୍ଜାତୀୟ କ୍ରୀଡ଼ା କାର୍ଯ୍ୟକ୍ରମ ଆୟୋଜନର ପ୍ରମୁଖ ପେଣ୍ଠ କଳିଙ୍ଗର କ୍ରୀଡ଼ା ଭିତ୍ତିଭୂମି ଦେଶ ଓ ବିଦେଶର ବହୁ କ୍ରୀଡ଼ାବିତ୍‌ଙ୍କ ପାଇଁ ଶ୍ରେଷ୍ଠ ଷ୍ଟାଡ଼ିଅମ ମାନ୍ୟତା ପାଇଥିଲା । ଏହାକୁ ରାଜ୍ୟର ଗୌରବ ବୋଲି କୁହାଯାଉଥିଲା ଓ ଓଡ଼ିଶାକୁ ଦେଶର କ୍ରୀଡ଼ା ରାଜଧାନୀରେ ପରିଣତ କରିବା କ୍ଷେତ୍ରରେ ଏହାର ବେଶ୍ ଭୂମିକା ଥିବା ବି ଚର୍ଚ୍ଚା ହେଉଥିଲା । ମାତ୍ର ଯେବେଠାରୁ କଳିଙ୍ଗ ଷ୍ଟାଡ଼ିଅମର ଶୌଚାଳୟ ଭିତରୁ ମେଞ୍ଚାମେଞ୍ଚା ବିଭିନ୍ନ ବ୍ରାଣ୍ଡର ବ୍ୟବହୃତ 'ସଂଗତି ନିରୋଧମ୍' ବା 'ଶୁକ୍ର ହନ୍ତ୍ରମ୍' ସାମଗ୍ରୀ ଉଦ୍ଧାର ହେଲାଣି, ସେବେଠାରୁ ଏହି ରାଜ୍ୟର ଗୌରବମୟ ପ୍ରତିଷ୍ଠାନଟି ପ୍ରତି ସାଧାରଣ ଲୋକଙ୍କ ମନରେ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି । ଏହି ସମୟରେ ଆମର କିଛି କ୍ରୀଡ଼ାବିତ୍ ଭକ୍ତ କର୍ଣ୍ଣପିଶାଚୀ ଯନ୍ତ୍ର ଜରିଆରେ କଳିଙ୍ଗ ଭିତରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଗୋଟେ କ୍ୟାମ୍ପ ଅଫିସ ଚାଲିଥିବାର କିଛି ଚଳନ୍ତି ଦୃଶ୍ୟ (ଭିଡ଼ିଓ) ପଠାଇଛନ୍ତି । ଲୋକସେବା ଭବନର ଗହଳି ଭିତରେ ଅଣନିଶ୍ୱାସୀ ଅନୁଭବ କରୁଥିବା ଉଚ୍ଚ ଶିକ୍ଷା ବିଭାଗର ଅନେକ ବଡ଼ ଅଧିକାରୀ ସେଠାରେ କେବଳ ହାଜିରା ପକାଇ ଦାପ୍ତରିକ କାର୍ଯ୍ୟ କରିବାକୁ କଳିଙ୍ଗ ଷ୍ଟାଡ଼ିଅମକୁ ଚାଲି ଆସୁଛନ୍ତି ବୋଲି ବି ଖବର ମିଳିଛି । ସାରା ଦିନ କଳିଙ୍ଗରେ ବଂଶୀବାଦନ ପରେ ସଞ୍ଜରେ ଯାଇ ଲୋକସେବା ଭବନରେ ଉପସ୍ଥିତ ହୋଇ ଯାଉଛନ୍ତି । ବିଷ୍ଣୁ ତନୟ ସୂର୍ଯ୍ୟ ଏକାଧାରରେ ଉଚ୍ଚଶିକ୍ଷା ବିଭାଗ ସହ କ୍ରୀଡ଼ା ବିଭାଗର ମୁଖିଆ । ଲୋକସେବା ଭବନରେ ଉଚ୍ଚଶିକ୍ଷା କାର୍ଯ୍ୟ କାରି କ୍ରୀଡ଼ା କାର୍ଯ୍ୟ ପାଇଁ ମଝିରେ ମଝିରେ ସେ କଳିଙ୍ଗ ଆସିବା ସ୍ୱାଭାବିକ କଥା । ମାତ୍ର କଳିଙ୍ଗରେ ଉଚ୍ଚଶିକ୍ଷା ବିଭାଗର ଅଧିକାରୀଙ୍କୁ ବଂଶୀବାଦନ ପାଇଁ ସୂର୍ଯ୍ୟବଂଶୀ ଅନୁମତି ଦେଇଥିବେ ବୋଲି ଆମେ ବିଶ୍ୱାସ କରିପାରୁନୁ । ତେବେ ଅନୁମତି ଦେଲା କିଏ ? ■



## ବୃଦ୍ଧକାଳେ ବାଲ୍ୟ ଲୀଳା

ବୟସ ବଢ଼ିଲେ କୁଆଡ଼େ ଲୋକଙ୍କ ବୁଦ୍ଧି ଅଧିକ ପାକଳ ହୁଏ, ସେମାନେ ସମାଜ ଓ କନିଷ୍ଠମାନଙ୍କ ପାଇଁ ମାର୍ଗଦର୍ଶନ କରିଥାଆନ୍ତି । ମାତ୍ର କଟକୀ ଋଷି ଏ କ୍ଷେତ୍ରରେ ଏକ ବିରଳ ବ୍ୟତିକ୍ରମ । ଋଷିଙ୍କ ବୟସ ବଢ଼ୁଛି ସିନା, ତାଙ୍କ ମନ ପ୍ରଜାପତି ଯୌବନର ଉଦ୍ୟାନ ଛାଡ଼ି ଯିବାକୁ କୁଆଡ଼େ ଚାହୁଁନାହିଁ । ରାଜ୍ୟରେ ଶଙ୍ଖଦଳ କ୍ଷମତାଚ୍ୟୁତ ହୋଇଥିଲେ ବି ଋଷି ଏବେ ବି ରାଜ୍ୟସଭା ସଦସ୍ୟ । ତେଣୁ ସ୍ୱାଭାବିକ ଭାବରେ ଦଳର ସାଂସଦ ଭାବରେ ଦ୍ୱିତୀୟ ଓ ତୃତୀୟ ପିଢ଼ିକୁ ସେ ମାର୍ଗଦର୍ଶନ କରିବା କଥା; ମାତ୍ର ତାହା ପରିବର୍ତ୍ତେ ସେ କନିଷ୍ଠ ପିଢ଼ିକୁ ସେ ନିରୁତ୍ସାହିତ କରୁଥିବା ଅନେକ ଲୋକ କହୁଛନ୍ତି । ବର୍ଷକ ତଳେ ତାଙ୍କର ଚଉଦ ପୁରୁଷ ଉଖାଳୁଥିବା ସଂସ୍ଥାଗୁଡ଼ିକ ଟିଆର୍‌ପି ପାଇଁ ଏବେ ଯେମିତି ଟିଆର୍‌ପି ପାଇଁ ତାଙ୍କୁ କୋଳାଉଛନ୍ତି, ସେଥିରେ ସିଏ ପୁରା ଗଦ୍‌ଗଦ୍ । ତେଣୁ ପଣ୍ଡିଚେରୀର ଶ୍ରୀ ଅରବିନ୍ଦ ଇଣ୍ଟରନେସନାଲ ସେଣ୍ଟର ଅଫ୍ ଏଜୁକେସନରେ ଲାଭ କରିଥିବା ଆଦର୍ଶ ଓ ଶିକ୍ଷାକୁ ଋଷି କୁଆଡ଼େ ଭୂଲି ଗଲେଣି ବୋଲି କେହିକେହି କହୁଛନ୍ତି । ଆଦର୍ଶବାଦ, ବାସ୍ତବବାଦ ଅରବିନ୍ଦ ଦର୍ଶନର ସଂଶ୍ଳେଷଣ ବୋଲି କୁଆଯାଏ । ପଣ୍ଡିଚେରୀରେ ଶିକ୍ଷାଲାଭ କରିଥିବା ଏହି ସବୁ ଜ୍ଞାନର କ'ଣ କିଛି ମୂଲ୍ୟ ନାହିଁ ନା ଚାରି ଦଶନ୍ଧି ପରେ ଋଷିଙ୍କ ପାଇଁ ଅରବିନ୍ଦ ଦର୍ଶନ ଓ ଶିକ୍ଷା ମୂଲ୍ୟହୀନ ହୋଇ ଯାଇଛି ? ଆମ ଦେଶରେ ଷାଠିଏ ଡ଼େଇଁଥିବା ବ୍ୟକ୍ତି ବରିଷ୍ଠ ନାଗରିକ ଭାବରେ ଗଣା ହୁଅନ୍ତି ଓ ସେଥିପାଇଁ ବୋଧେ ଦଳ ତାଙ୍କୁ ବରିଷ୍ଠ ନାଗରିକ ସେଲର ମୁଖ୍ୟ ଦାୟିତ୍ୱ ଦେଇଥିଲା । ଏବେ କୁଆଡ଼େ ଋଷିଙ୍କୁ ଦଳ ଆଉ ଭଲ ଲାଗୁନି, ସେଥିପାଇଁ ପଦରୁ ତ୍ୟାଗପତ୍ର । ହେଲେ ଯେତେବେଳେ ଦଳ ଦାୟିତ୍ୱ ଦେଲା, ସେତେବେଳେ ମନା କଲନି, ଏବେ ବୃଦ୍ଧ କାଳେ ବାଲ୍ୟଲୀଳା କାହିଁକି ? ■

ଏହା ଏକ ବ୍ୟଙ୍ଗାତ୍ମକ ଆଲେଖ୍ୟ । ଏହାଦ୍ୱାରା କାହାର ସମ୍ମାନହାନି କରିବା ଆମ୍ଭର ଉଦ୍ଦେଶ୍ୟ ନୁହେଁ । ସାମ୍ପ୍ରତିକ ରାଜନୈତିକ ସ୍ଥିତିକୁ ମନୋରଞ୍ଜନ ଶୈଳୀରେ ପାଠକଙ୍କ ସାମ୍ନାକୁ ଆଣିବା ଏହାର ଏକମାତ୍ର ଲକ୍ଷ୍ୟ ।